Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 327
Thursday, 5 February 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୫ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ:୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

ପୁରୀ, ୪/୨ (ଆ.ପ୍ର) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୂର୍ବାହ୍ନରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ।ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଲିଆଇପି ରୋଡ୍, ମେଡିକାଲ ଛକ , କାକୁଡିଖାଇ ଛକ ଦେଇ ଶ୍ୱେତଗଙ୍ଗାରେ ପହଂଚିଥିଲେ । ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାର ମଠ ଡଙ୍ଗରା ଦେଇ ସିଂହଦ୍ୱାର ନିକଟରେ ପହଂଚିଥିଲେ । ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ , ରାଜ୍ୟପାଳ ଡ. ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପିପିଲି ବିଧାୟକ ଆଶ୍ରିତ ପଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁଜାତା କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର,ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢୀ,ପୁଲିସ ଆଇଜି ଅରୁଣ

କୁମାର ସାହୁ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଂଚି ପ୍ରଣାମ କରିଥିଲେ । ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଟପି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ ।ଦର୍ଶନ ପରେ ଫେରିବା ପଥରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ କିଛି ସମୟ ବାଲିଶି ପାହାଚ ରେ ବସିଥିଲେ । ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମାଲ୍ୟାର୍ପଣ ବେଶ ଫଟୋ ଦେଇ ସମ୍ମାନିତ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଶ୍ରୀଜୀଉ ମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ,ରାମ ନାରାୟଣ ଗୋଛିଳାର, କୃଷ୍ଣଚନ୍ଦ୍ର ସାମନ୍ତରା,ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।ପରେ ରାଷ୍ଟ୍ରପତି ଚାଲି ଚାଲି ଶ୍ରୀମନ୍ଦିର ଜାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ସହ ପିଲା ମାନଙ୍କୁ ଚକଲେଟ ବଣ୍ଟନ କରିଥିଲେ । ଏହାପରେ ରାଷ୍ଟ୍ରପତି ଲୋକଭବନରେ ପହଂଚି କିଛି ସମୟ ବିତିବି ପରେ ହେଲିକପ୍ଟାର ଅଭିମୁଖେ ପ୍ରସ୍ଥାନ କରିଥିଲେ ।ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ମୟୂରଭଞ୍ଜ ର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ ।

ଇସିଙ୍କ ବିରୋଧରେ ସୁପ୍ରିମକୋର୍ଟରେ ନିଜେ ପକ୍ଷ ରଖିଲେ ମମତା

ନୂଆଦିଲ୍ଲୀ, ୪/୨(ନ୍ୟୁ.ଏ): ଦେଶରେ ସାମ୍ପ୍ରତଠାରୁ ପୂର୍ବରୁ ଯାହା ଘଟି ନଥିଲା, ଆଜି ସେଇନି କିଛି ଘଟଣା ଘଟିଛି । ଗୋଟିଏ ଐତିହାସିକ ଦୃଶ୍ୟ ଦେଖିଛି ପୂରା ଦେଶ । ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ, ଦେଶର ସବୁ ଠାରୁ ବଡ଼ ଅଦାଲତରେ ଦେଶର ପ୍ରଧାନ

ବିଚାରପତିଙ୍କ ଆଗରେ ଦେଶର ନିର୍ବାଚନ କମିଶନଙ୍କ ବିରୋଧରେ ଯୁକ୍ତି ରଖିଛନ୍ତି । ସେ ପ୍ରଧାନ ବିଚାରପତିଙ୍କ ଆଗରେ ହାତ ଯୋଡ଼ି ନ୍ୟାୟ ଭିକ୍ଷା କରିଛନ୍ତି । ଜେଶାଲ ଇଂଗ୍ଲେସିଆ ରିଭିଜନ ବା ଏସଆଇଆର ପ୍ରସଙ୍ଗରେ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ସୁପ୍ରିମକୋର୍ଟରେ ହାଜର ହୋଇ ଯୁକ୍ତି ଉପସ୍ଥାପନ କରିଛନ୍ତି । ଶହଶହ ଓକିଲ ଓ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆଗରେ ସେ ନିର୍ବାଚନ କମିଶନଙ୍କ ବିରୋଧରେ ସାଂଘାତିକ ଅଭିଯୋଗ କରିଛନ୍ତି । ମମତା ବାନାର୍ଜୀ ସୁପ୍ରିମକୋର୍ଟଙ୍କ କହିଛନ୍ତି ଯେ ଏସଆଇଆର ଯୋଗୁ ପଶ୍ଚିମବଙ୍ଗରେ ଗୋଟିଏ ସାଂଘାତିକ ସ୍ଥିତି ଦେଖିବାକୁ ମିଳିଛି । କାର୍ଯ୍ୟଭାର ଚାପରେ ୧୫୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଛନ୍ତି । ଏମାନଙ୍କ ମଧ୍ୟରେ ବୁଥ ସ୍ତରୀୟ ଅଧିକାରୀ ମଧ୍ୟ ରହିଛନ୍ତି । ଟାର୍ଗେଟ ପୂରଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଦେଇଥିବା ଚାପର ବଶବର୍ତ୍ତୀ ହୋଇ ଅନେକ ବିଏଲଓ ଜୀବନ ହାରିବାକୁ ବାଧ୍ୟ ହୋଇଥିବା ମମତା ଦାବି କରିଛନ୍ତି । ନିର୍ବାଚନ କମିଶନଙ୍କ ସହ ଆଇନଗତ ଯୁଦ୍ଧ କରିବା ୩ ଦିନ ହେଲା ଦିଲ୍ଲୀରେ ରହିଥିବା ମମତା ଆଜି ନିଜର ଯୁକ୍ତିକୁ ନିଜେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମଳ୍ୟ ବାଗଚି ଓ ଜଷ୍ଟିସ ବିପୁଲ ପଂଚୋଲିଙ୍କ ସାମ୍ନାରେ ଉପସ୍ଥାପନ କରିଛନ୍ତି । ବେଙ୍ଗଲର ଏସଆଇଆର ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ହୋଇଥିବା ପିଟିସନର ଶୁଣାଣି ଏହି ଖଣ୍ଡପୀଠ କରୁଛନ୍ତି । ଖଣ୍ଡପୀଠଙ୍କୁ ହାତ ଯୋଡ଼ି ମମତା କହିଛନ୍ତି, "କାହିଁକି କେବଳ ବେଙ୍ଗଲ ଆସାମ କିମ୍ବା ଅନ୍ୟ ଉତ୍ତରପୂର୍ବ ରାଜ୍ୟରେ ଏହା ହେଉ ନାହିଁ ନିର୍ବାଚନ କମିଶନ କେବଳ ବେଙ୍ଗଲକୁ ଟାର୍ଗେଟ କରୁଛନ୍ତି । ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷିତ କରିବାକୁ କୋର୍ଟ ହସ୍ତକ୍ଷେପ କରନ୍ତୁ । ନିର୍ବାଚନ ପୂର୍ବରୁ ବେଆଇନ ଭାବେ ବେଙ୍ଗଲକୁ ଟାର୍ଗେଟ କରାଯାଇଛି ।"

ମହାନଦୀ ସମସ୍ୟାର ସମାଧାନ କରିବେ କେନ୍ଦ୍ର ସରକାର

ଭୁବନେଶ୍ୱର, ୪/୨ (ଆ.ପ୍ର) :ଓଡ଼ିଶାର ଜୀବନରେଖାକୁ ଦେଖୁଲେ ଏବେ ଦୁଃଖ ଲାଗୁଛି । ଏ ମାଟିଭୂମି ମା ମହାନଦୀ । ନ୍ୟାୟିକ ଲଢ଼େଇ ଭିତରେ ଛତିଶଗଡ ମହାନଦୀର ଚଂଟି ଚିପି ଦେଇଛି । ଓଡ଼ିଶାର ବାଟି ଶୁଖୁଲି ପଡିଶା ରାଜ୍ୟ । ଏସବୁ ଭିତରେ ଶେଷରେ କେନ୍ଦ୍ରକୁ ଭରସିଛି ଓଡ଼ିଶା । ନ୍ୟାୟ ମିଳିବ ବୋଲି ଆଶା ବଢିଛି । ସମୟ ଗଡିବା ସହିତ ଅନିଶ୍ଚିତତା ଆହୁଚୁ ଠେଲି ହୋଇଯାଉଛି ମହାନଦୀର ଭାଗ୍ୟ ଓ ଭବିଷ୍ୟତ । ମହାନଦୀ ମାଆକୁ କେବେ ନ୍ୟାୟ ମିଳିବ, ଏ ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ । ଟ୍ରିବ୍ୟୁନାଲ, ଆପୋଷ ଆଲୋଚନା, କମିଟି ପାଖରେ ଅଟକିଯାଉଛି ମହାନଦୀର ଝର । ବାରମ୍ବାର ନିରାଶ ହେବା ପରେ ଏବେ ପଡ଼ିଶା ମୁଣ୍ଡେଁ କେନ୍ଦ୍ର ଭରସାରେ ଓଡ଼ିଶା । ଦୁଇପାଦ ଆଗକୁ ବଢ଼ି କେନ୍ଦ୍ରକୁ ମହାନଦୀ ବିବାଦରେ ମୁଣ୍ଡ ଖେଳାଇବାକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର । କେନ୍ଦ୍ରକୁ ମଧ୍ୟସ୍ଥ ରାଖି ଆପୋଷ ଆଲୋଚନା ପାଇଁ କରିବାକୁ ଚାହୁଁଛି ଓଡ଼ିଶା । ଟ୍ରିବ୍ୟୁନାଲର ଅବଧି ଆସନ୍ତା ମାର୍ଚ୍ଚରେ ସରୁଛି । ତଥାପି ଆଇନଗତ ଲଢେଇରେ ପଛଘୁଂଚା ଦେବାକୁ ଚାହୁଁନି ଓଡ଼ିଶା । ଟ୍ରିବ୍ୟୁନାଲ ଅବଧିକୁ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଅବଗତ କରିଛି ରାଜ୍ୟ । ଆନ୍ତର୍ମନ୍ତ୍ରଣାୟ କମିଟି ମଧ୍ୟ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ହେଲେ ପ୍ରଶ୍ନ ଉଠୁଛି, ଛତିଶଗଡ଼ରେ ଥିବା ବିଜେପି ସରକାରକୁ ସହଜରେ ଭରସିପାରୁଛି କି ଓଡ଼ିଶା ? ମହାନଦୀ ପ୍ରସଙ୍ଗରେ ଓଡ଼ିଶାର ପ୍ରସ୍ତାବକୁ ଅଣଦେଖା କରୁଛି କି ଛତିଶଗଡ଼ ? ଅନ୍ୟପକ୍ଷରେ ବିରୋଧାଙ୍କ ଯୁକ୍ତି, ମହାନଦୀକୁ ନ୍ୟାୟ ଦେବାରେ ଟ୍ରିପଲ ଇଞ୍ଜିନ ଫେଲ୍ ।

ହଙ୍ଗଗୋଳ ପାଇଁ ଗୃହ ଅଚଳ, ପ୍ରଧାନମନ୍ତ୍ରୀଙ୍କ ଭାଷଣ ସ୍ଥଗିତ

ନୂଆଦିଲ୍ଲୀ, ୪/୨ (ନ୍ୟୁ.ଏ): ରାଷ୍ଟ୍ରପତିଙ୍କ ଉଦ୍‌ବୋଧନକୁ ଧନ୍ୟବାଦ ପ୍ରସ୍ତାବ ଉପରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଭାଷଣ ଦେଇପାରିନେହାନ୍ତି । ମୋଦୀଙ୍କ ଉଦ୍‌ବୋଧନର ମାତ୍ର କିଛି ମିନିଟ୍ ପୂର୍ବରୁ ଆଜି ଲୋକସଭାକୁ ମୁଲତବୀ ରଖାଯାଇଛି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ

ଗାନ୍ଧୀଙ୍କୁ ସୁର୍ବତନ ସେନାମୁଖ୍ୟ ଏମଏମ୍ ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନୀକୁ କହିବାପାଇଁ ଅନୁମତି ମିଳିନଥିବାରୁ ବିରୋଧୀମାନେ ଏଥିପାଇଁ ଭଡ଼କ୍ଷିପ୍ତ ହୋଇଯାଇଥିଲେ । ଆଜି ଦିନ ସାରା ଉକ୍ତ ପ୍ରସଙ୍ଗ ଏବଂ ଲୋକସଭାରେ ୮ କଂଗ୍ରେସ ସାଂସଦଙ୍କ ନିଲମ୍ବନକୁ ବିରୋଧ କରି ଗୃହରେ ହୋହଲ୍ଲା ଏବଂ ହଙ୍ଗଗୋଳ ହେବାରୁ ବାରମ୍ବାର ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା । ଅପରାହ୍ନ ୫ ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୃହକୁ ଉଦ୍‌ବୋଧନ ଦେବାର ଥିଲା । କିନ୍ତୁ ଗୃହ କାର୍ଯ୍ୟ ଆରମ୍ଭ ହେଉହେଉ ବିରୋଧୀ ସାଂସଦମାନେ ପ୍ରବଳ ହଙ୍ଗଗୋଳ କରିଥିଲେ । ବର୍ଷା ଗାଏକ୍ୱାଡ ଏବଂ ଜ୍ୟୋତିମଣିଙ୍କ ସମେତ ଅନେକ ବିରୋଧୀ ମହିଳା ସାଂସଦ ଆଜି ଗୃହର ମଧ୍ୟଭାଗକୁ ପ୍ରବେଶ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବ୍ୟବହୃତ ଚେୟାର ଅଭିମୁଖେ ମାଡ଼ିଯାଇଥିଲେ ଏବଂ ହଙ୍ଗଗୋଳ କରି ଅବନ୍ଧାବସ୍ଥା ସୃଷ୍ଟି କରିଥିଲେ । ନିଜ ଆସନକୁ ଫେରିବାପାଇଁ ବରିଷ୍ଠ ମନ୍ତ୍ରୀମାନଙ୍କ ଅନୁରୋଧକୁ ମଧ୍ୟ ସେମାନେ କର୍ଣ୍ଣପାତ କରିନଥିଲେ । ସୂଚନାନୁଯାୟୀ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପ୍ରଧାନମନ୍ତ୍ରୀ ଗୃହକୁ ପ୍ରବେଶ କରିପାରିନେଲେ । ପ୍ରଧାନମନ୍ତ୍ରୀ ସେଇଠାରେ ବସନ୍ତି, ସେମାନେ ସେହି ସ୍ଥାନକୁ ଅବରୋଧ କରି ରଖିଥିଲେ ବୋଲି ବିଜେପି ସାଂସଦ ମନୋଜ ତିୱାରୀ ଦାବି କରିଛନ୍ତି । ସେ କହିଛନ୍ତି ଯେ ବିରୋଧୀ ଦଳର ମହିଳା ସାଂସଦମାନେ ପ୍ରବଳ ହୋହଲ୍ଲା କରିଥିଲେ ଏବଂ ସେମାନଙ୍କୁ ଦେଖିଲେ ଲାଗୁଥିଲା ଯେମିତି ସେମାନେ ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣ କରିବେ । ତେଣୁ ପ୍ରଧାନମନ୍ତ୍ରୀଙ୍କ ଭାଷଣ ପୂର୍ବରୁ ଆଜି ଗୃହକୁ ମୁଲତବୀ ରଖାଯାଇଛି । ମିଳିଥିବା ସୂଚନାନୁଯାୟୀ ବିରୋଧୀ ସାଂସଦମାନେ ଆଜି 'ଜୋ ଭତିର ଲଗେ ତ୍ୱ କରୋ' ଲେଖାଥିବା ଏକ ବିଜ୍ଞାନ ବ୍ୟାନର ଧରି ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ । କଂଗ୍ରେସ ସାଂସଦଙ୍କ ସହିତ ତୃଣମୂଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ସାଂସଦମାନେ ମଧ୍ୟ ଯୋଗ ଦେଇଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ, ଗୃହ ମନ୍ତ୍ରୀ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୃହରେ ଉପସ୍ଥିତ ନଥିଲେ । ବିରୋଧୀ ମହିଳା ସାଂସଦମାନେ ଆଜି ଟ୍ରେଜରୀ ବେଂଚ ଆଡ଼କୁ ଯାଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଓ ମହିଳା ସାଂସଦମାନଙ୍କ ସହ ମୁହାଁମୁହିଁ ହୋଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଗୃହକୁ ତୃତୀୟ ଥର ପାଇଁ ମୁଲତବୀ ରଖାଯାଇଥିଲା । ଅନ୍ୟପକ୍ଷେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଗାନ୍ଧୀ ପରିବାରକୁ ଟାର୍ଗେଟ୍ କରି ବେଇଥିବା ଟିପ୍ପଣୀ ପାଇଁ ବିରୋଧୀ ଏବଂ ବିଜେପି ସାଂସଦମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଫିସରେ ମୁହାଁମୁହିଁ ହୋଇଛନ୍ତି । ଗୃହକାର୍ଯ୍ୟ ମୁଲତବୀ ହେବାପରେ କଂଗ୍ରେସ ସାଂସଦମାନେ ଆଜି ଲୋକସଭା ବାଚସ୍ପତିଙ୍କ ଅଫିସରେ ପହଂଚିଥିଲେ । ଗୃହର ଅଧ୍ୟକ୍ଷତା ବାଧିତ୍ୱରେ ଥିବା କ୍ରୀଷ୍ଣ ପ୍ରସାଦ ଟେନ୍ନେଟି ଦୁବେଙ୍କୁ ଗାନ୍ଧୀ ପରିବାର ବିରୋଧରେ କହିବାପାଇଁ ଅନୁମତି ଦେବା ନିମନ୍ତେ ବିରୋଧୀ ସାଂସଦମାନେ ବିରୋଧ କରିଥିଲେ ଏବଂ ଏନେଇ ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରିଥିଲେ । ବାଟପେରର ସିଂହ ଦ୍ୱାରା ସମେତ ଅନ୍ୟ କଂଗ୍ରେସ ସାଂସଦମାନେ ଦୁବେଙ୍କ ଟିପ୍ପଣୀକୁ ବିରୋଧ କରିଥିଲେ । ଭଲଲୁଖେଯୋଗ୍ୟ ଆଜି ଦୁବେ ଲୋକସଭାରେ ଗାନ୍ଧୀ ପରିବାର ବିରୋଧରେ କେତେକ ପୁସ୍ତକ ଦାଖଲିକରିଛନ୍ତି ଏବଂ ପୁସ୍ତକ ଗୁଡ଼ିକରେ ଗାନ୍ଧୀ ପରିବାର ବିରୋଧରେ କ'ଣ ଲୁହାଯାଇଛି ତାହା ସେ ପଢ଼ିବା ଆରମ୍ଭ କରିଥିଲେ । ବିରୋଧୀ ସାଂସଦମାନେ ଏହାକୁ ତୀବ୍ର ବିରୋଧ କରି ହୋହଲ୍ଲା କରିଥିଲେ । ପ୍ରବଳ ହଙ୍ଗଗୋଳ ଏବଂ ହୋହଲ୍ଲା ହେବାରୁ ଗୃହକୁ ମୁଲତବୀ ରଖାଯାଇଥିଲା । ରାଜ୍ୟସଭାଯୋଗ, ଦୁବେ କହିଥିଲେ ଯେ ରାହୁଲ ଗାନ୍ଧୀ ଅପ୍ରକାଶିତ ପୁସ୍ତକ ବିଷୟରେ କହୁଥିବାବେଳେ ସେ କିଛି ପ୍ରକାଶିତ ପୁସ୍ତକ ଆଣିଛନ୍ତି ଯାହା ଗାନ୍ଧୀ ପରିବାରର ଗୁମର ବାହାରେ ପକାଇ ଦେବ ।

ମଣିପୁରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଯୁମନାମ ଖେମଚାନ୍ଦ ସିଂହ

ନୂଆଦିଲ୍ଲୀ, ୪/୨(ନ୍ୟୁ.ଏ): ଦୀର୍ଘ ଗୋଟିଏ ବର୍ଷ ପରେ ମଣିପୁରକୁ ମିଳିଛି ନୂଆ ମୁଖ୍ୟମନ୍ତ୍ରୀ । ବିଜେପି ନେତା ତଥା ମଣିପୁର ବିଧାନସଭାର ବିଧାୟକ ଦଳ ନେତା ଯୁମନାମ ଖେମଚାନ୍ଦ ସିଂହ ଆଜି ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ବୁଧବାର ରାଜ୍ୟପାଳ ଭଲ୍ଲା ତାଙ୍କୁ ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଲାମ୍ପାଲ ସ୍ଥିତ ଲୋକ ଭବନରେ ଆୟୋଜିତ ଶପଥ ପାଠ



ଉତ୍ସବରେ ଏକାଧିକ ବିଜେପି ବିଧାୟକ, ବହୁତ ବରିଷ୍ଠ ନେତା ଓ ମଣିପୁର ଏନଡିଏର ପ୍ରମୁଖ ନେତାମାନେ ଉପସ୍ଥିତ ରହିଥିଲେ । ଶପଥ ପାଠ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, "ମଣିପୁର ବିକଶିତ ଭାରତ ୨୦୪୭ରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ମଣିପୁରରେ ୩୬ଟି ସଂପ୍ରଦାୟ ରହିଛନ୍ତି । ଆମର ଆଶା ରାଜ୍ୟରେ ଆମେ ଗୋଟିଏ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବୁ ।" ଫେବୃଆରୀ ୩ରେ ମଣିପୁର ବିଧାନସଭାର ୪୫ ଜଣ ବିଧାୟକ ମିଳିତ ଭାବେ ଖେମଚାନ୍ଦ ସିଂହଙ୍କୁ ମୁଖ୍ୟମନ୍ତ୍ରୀ କରିବା ସପକ୍ଷରେ ମତ ଦେଇଥିଲେ । ଏହାପରେ ମୈତେଇ ସଂପ୍ରଦାୟର ଖେମଚାନ୍ଦ ସିଂହ ଆଜି ସକାଳେ ରାଜ୍ୟପାଳ ଭଲ୍ଲାଙ୍କୁ ଜୋଟି ସରକାର ଗଠନ କରିବାକୁ ଦାବି ଜଣାଇଥିଲେ । ସମ୍ପ୍ରତି ଖେମଚାନ୍ଦ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ପାଖାର ଶେୟାରିଂ ଡିଲ ଅନୁସାରେ ଖେମଚାନ୍ଦ ମୁଖ୍ୟମନ୍ତ୍ରୀ ଓ କୁକି ସଂପ୍ରଦାୟର ନେତାରା ଡିପୁଟେଶନ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ସେ ମଣିପୁରର ପ୍ରଥମ ମହିଳା ଉପ ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ କରିଛନ୍ତି । ସେହିପରି ଗୋବିନ୍ଦାସ କୋନଥୌଜାମ ରାଜ୍ୟର ଗୃହ ମନ୍ତ୍ରୀ ହେବେ । ଶପଥ ପାଠ ଉତ୍ସବ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବର୍ଷେ ହେଲା ମଣିପୁରରେ ଲାଗୁ ହୋଇଥିବା ରାଷ୍ଟ୍ରପତି ଶାସନକୁ ପ୍ରତ୍ୟାହାର କରିଥିଲେ । ମଣିପୁର ୨୦୨୫ ଫେବୃଆରି ୧୩ ତାରିଖରୁ ରାଷ୍ଟ୍ରପତି ଶାସନ ଅଧୀନରେ ଥିଲା । ଖେମଚାନ୍ଦ ସିଂହ ଫେବୃଆରୀ ୯ରେ ଇସ୍ତଫା ଦେଇଥିଲେ । ଏହାର ୪ ଦିନ ପରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା । ସେ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଚାଲିଥିବା ଦୀର୍ଘକାଳୀନ ଜାତିଗତ ହିଂସା ନିୟନ୍ତ୍ରଣରେ ବିଫଳତା ଯୋଗୁ ବ୍ୟାପକ ସମାଲୋଚନାର ଶିକାର ହୋଇଥିଲେ । ଏହି ହିଂସାରେ ଅନେକ ମୃତ୍ୟୁ, ବିସ୍ଥାପନ ଓ ସମ୍ପତ୍ତି ନଷ୍ଟ ହୋଇଥିଲା ।

ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜର ସ୍ଥାନ ସ୍ୱତନ୍ତ୍ର : ମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର, ୪/୨ (ଆ.ପ୍ର) : ମୟୂରଭଞ୍ଜ ଜିଲ୍ଲାର ପ୍ରାଣକେନ୍ଦ୍ର ରାଇରଙ୍ଗପୁର ତଥା ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ ପ୍ରଥମ କର୍ମଭୂମିରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା, ମୋ ପାଇଁ ଏକ ଗର୍ବ ଓ ଗୌରବର ବିଷୟ । ଗତ ନଭେମ୍ବର ୨୭ ତାରିଖରେ ମୋ ସହିତ ଓଡ଼ିଶାର ସମସ୍ତ ମନ୍ତ୍ରୀ ଓ ବିଧାୟକମାନେ ମହାମହିମ ରାଷ୍ଟ୍ରପତିଙ୍କୁ ରାଜ୍ୟ ବିଧାନସଭାରେ ସ୍ୱାଗତ କରିଥିଲୁ । ରାଷ୍ଟ୍ରପତି ଆମ ଭଳି ଜନପ୍ରତିନିଧି ମାନଙ୍କୁ ଆମର ଦାୟିତ୍ୱ ଓ କର୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଆଜି ପୁଣି ତାଙ୍କୁ ସ୍ୱାଗତ କରିବାର ସୁଯୋଗ ମିଳିଛି । ତାଙ୍କର ଉପସ୍ଥିତି ଏହି ଅଞ୍ଚଳକୁ ଐତିହାସିକ କରିଛି ଏବଂ ଏହି ଅଂଚଳ ଲୋକଙ୍କ ପାଇଁ ପ୍ରେରଣାଦାୟକ ସାବ୍ୟସ୍ତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କହିଛନ୍ତି । ଓଡ଼ିଶା ସରକାର ଏବଂ ରାଜ୍ୟବାସୀଙ୍କ ପକ୍ଷରୁ, ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଆନ୍ତରିକ କୃତଜ୍ଞତା ଜଣାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି

ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA

ଗୁରୁବାର, ୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା ୨୦୨୫-୨୬ ଅନୁଷ୍ଠିତ

ନବରଙ୍ଗପୁର, ୪/୨ (ଆ.ପ୍ର) :ଜିଲ୍ଲା ବଷ୍ଟରୀ ବିକାଶ ଏବଂ ନିଯୁକ୍ତି କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର ଦ୍ୱାରା ଆଜି ଗ୍ରାମୀଣ ରାଜା ଚେତନା ଦେବ ନୋଡାଲ ହାଇସ୍କୁଲ ଖେଳପଡ଼ିଆରେ ଏକ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାରେ ତାଲୁଗାଁ ବିଧାୟକ ମଜୋହର ରାନ୍ଧାରୀ, ନବରଙ୍ଗପୁର ବିଧାୟକ ଗଗୀରୀ ଶଙ୍କର ମାଝୀ ବରେଣ୍ୟ ଅତିଥି,ସଭାର ସଭାପତି ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ବିଚାଂଚି ନାରାୟଣ ବରଗ୍ୟାନ , ମାନ୍ୟବର ସାଂସଦ ଲୋକସଭାଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ଜଂସ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଏବଂ ଜିଲ୍ଲା ବଷ୍ଟରୀ ବିକାଶ ଏବଂ ନିଯୁକ୍ତି ଅଧିକାରୀ ତଥା ଆବାହକ ଆନନ୍ଦ ଚନ୍ଦ୍ର ପଲେଇ ପ୍ରମୁଖ ମଂଚା ସିନ ଥିଲେ । ଏହି ମେଗା ନିଯୁକ୍ତି ମେଳାରେ ସମସ୍ତ ୧୦ ଟି ବ୍ଲକରୁ ୧୬୦୦ରୁ ଅଧିକ ନିଯୁକ୍ତି ଆଶାୟୀ ଅଂଶଗ୍ରହଣ କରିଥିଲେ । ସେହିପରି ଓଡ଼ିଶା ଏବଂ ଓଡ଼ିଶା ବାହାରୁ ୨୫ ରୁ ଅଧିକ ନିଯୁକ୍ତିଦାତା ଏବଂ ୨୦ ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିଲେ । ନିଯୁକ୍ତି ସୁଯୋଗ ପାଇଁ ପରବର୍ତୀ ପ୍ରକ୍ରିୟା ପାଇଁ ୧୩୦୦ ରୁ ଅଧିକ ନିଯୁକ୍ତି ପ୍ରତ୍ୟାଶୀଙ୍କୁ ସଂଷ୍ଟିମ୍ବ ତାଲିକାଭୁକ୍ତ କରାଯାଇଥିଲା । ୨୫ ରୁ ଅଧିକ ନିଯୁକ୍ତି ପ୍ରତ୍ୟାଶୀଙ୍କୁ ଘଟଣାସ୍ଥଳରେ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ବରେଣ୍ୟ ଅତିଥିଗଣ ନିଜ ବକ୍ତବ୍ୟରେ ଜିଲ୍ଲାର ଯୁବା ବର୍ଗଙ୍କୁ ନିଯୁକ୍ତି ମେଳା ରେ ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ନିଜସ୍ତରେ ନିଜର ପ୍ରତିଭାକୁ ଉଚିତ ମାର୍ଗରେ ପ୍ରଦର୍ଶନ ସହ ଉପଯୁକ୍ତ ତାଲିମ ଗ୍ରହଣ କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ର ଉତ୍ସାହରେ ଦୁଇଥୁ । ଏହା ସହିତ ତାଲିରି ତଲାସରେ ନିଜର ସମୟ ନଷ୍ଟ ନ କରି ଜୋଶସହି ଆତ୍ମ ନିଯୁକ୍ତି ଉଦ୍ୟୋଗ କରି ଅନ୍ୟ ମାନଙ୍କୁ ନିଯୁକ୍ତି ଦେଇ ପ୍ରଶଂସାର ପାତ୍ର ହେବାପାଇଁ କହିଥିଲେ ।ଜିଲ୍ଲାପାଳ ଆଶାୟୀ ପ୍ରାର୍ଥୀମାନଙ୍କୁ କେବଳ ପାଠ ପଢି ତାଲିରି ପରେ ନ ଦୌଡ଼ିବୁ ବରଂ ବଷ୍ଟରୀ ବିକାଶ , ଯୋଗାଯୋଗ କୁଶଳତା, ସମୟ ପରିଚାଳନା ଉପରେ ଗୁରୁତ୍ୱ ଦେଇ ନିଜର ଆତ୍ମବିଶ୍ୱାସ କୁ ବୃଦ୍ଧି କରନ୍ତୁ । ଯେଉଁ କ୍ଷେତ୍ରରେ ରୁଚି ରହିଛି ସେଥିରେ ବଷ୍ଟରୀ ବିକାଶ କରିବାକୁ ପ୍ରଯାମର୍ଶ ଦେଇଥିଲେ । କ୍ଷେତ୍ରରେ ବଷ୍ଟରୀ ବିକାଶ ଅଧିକାରୀ ଶୁଭମ ମାହାପାତ୍ର ଧନ୍ୟବାଦ୍ ଦେଇଥିଲେ ।

ବଡ ହନ୍ତୁଆଡ଼ କୃଷି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କ୍ରୟ

ତିଲିଜା ବାଣପୁର, ୪/୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବଡ଼ ହନ୍ତୁଆଡ଼ କୃଷି ସେବା ସମବାୟ ସମିତି ମାଧ୍ୟମରେ ଟଂଟପ ପର୍ଯ୍ୟାୟରେ ୨୧୪ ଜଣ ଚାଷୀଙ୍କ ଠାରୁ ୧୦୬୨କ୍ୱିଣ୍ଟାଲ ୪୨ କେ. ଜି. ଧାନ କ୍ରୟ କରା ଯାଇଛି । ସେବା ସମବାୟ ସମିତି ସଂପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ରେଜିଷ୍ଟେସନ ଭୁକ୍ତ ଚାଷୀଙ୍କୁ ଟୋକାନ ଯୋଗାଇବା ସହ ଯେଉଁ ଚାଷୀମାନଙ୍କର ମଣ୍ଡିରେ ଧାନ ବିକ୍ରୟ ପାଇଁ ଆସୁଛି, ସେ ଆଗୁଆ ଫୋନ ମାଧ୍ୟମରେ କିମ୍ବା କର୍ମଚାରିଙ୍କ ମାଧ୍ୟମରେ ସୂଚନା ଦେଉଛନ୍ତି । ସେବା ସମବାୟ ସମିତିର ସଭାପତି ମାଧବ ଚନ୍ଦ୍ର ବାରୀକ ଏବଂ ବୋର୍ଡ ପ୍ରତିନିଧି ମାନେ ଯେଉଁଠି ତାଙ୍କ ସମିତିରେ ଧାନ ଦେବାରେ ଚାଷୀ ଅସୁବିଧାର ସମୁଖୀନ ନ ହୁଅନ୍ତି ସେଥିପ୍ରତି କର୍ମଚାରି ମାନଙ୍କୁ କହିବା ସହ ସମସ୍ତ ଚାଷୀଙ୍କୁ କୁଶଳ କହିଛନ୍ତି । ଏହି ମଣ୍ଡିରେ ଧାନ ବିକ୍ରୟ

ବେଳେ କର୍ମଚାରି ଓ ଆର. ଏମ. ସି ତରଫରୁ କର୍ମଚାରୀ ମାନେ ଉପସ୍ଥିତ ରହି ଚାଷୀଙ୍କ ଠାରୁ ମିଳିତ ପ୍ରଚେଷ୍ଟ କରୁଥିବା ଧାନର ମୂଲ୍ୟାୟନ ସହ ସମସ୍ତ ତଦାରାଖ ସୂଚାରୁରୂପେ କରାଯାଉଛି, ଏହିଭଳି ଶାନ୍ତି ଶୃଙ୍ଖଳା ସହ ଚଳିତ ବର୍ଷ ଧାନ କ୍ରୟ ନିମନ୍ତେ ଆସୁଛି ୧୫ହଜାର କ୍ୱିଣ୍ଟାଲ ଧାନ ଦେବାକୁ ଅପେକ୍ଷାରତ ଚାଷୀମାନେ ମଣ୍ଡି ଯୋଗେ ବିକ୍ରୟ ପାଇଁ ଯୋଗାଯୋଗରେ ଅଛନ୍ତି । ଏହି ଚାଷୀମାନଙ୍କର ଧାନ ଯେଉଁଭଳି ଠିକ୍ ସମୟରେ କିଣା ଯାଇ ପାରିବ ସଂପାଦକ ପ୍ରସନ୍ନ କୁମାର କୁମାର ପଟ୍ଟନାୟକ ଆଶା ପୋଷଣ କରିଛନ୍ତି ।

ମୃତ ଶ୍ରମିକଙ୍କ କ୍ଷତି ପୂରଣ ଦାବିରେ ଧାରଣାରେ ବସିଲେ ବିଧାୟକ

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍গପୁର, ୪/୨ (ଆ.ପ୍ର) : ରାଜଗାଙ୍ଗପୁରସ୍ଥ ଡାଲମିଆ ସିମେଂଟ କାରଖାନାରେ କଣେ କାର୍ଯ୍ୟରତ ଠିକାଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ରାଜଗାଙ୍ଗପୁର କୁଜୁଖିଆ ଟଂଟାପଡ଼ା ଭିଲାପଡ଼ା ଅଂଚଳର ଚନ୍ଦ୍ରମଣି ମିଞ୍ଜ(୨୬) ସୂଚନା ଅନୁସାରେ, ଚଳୁମଣି ଦିନ ପ୍ରାୟ ସାଢ଼େ ୧ଟା ସମୟରେ କାରଖାନା ଷ୍ଟକ୍ ? ଯାର୍ଡ ରେଳସାଇଡିଂର ଧାରଣାରେ ବସିଲେ ବିଧାୟକ କ୍ଷେତ୍ରମୁଖର ଷ୍ଟପ ନିକଟରେ କାର୍ଯ୍ୟରତ ଥିବାବେଳେ ଟ୍ରେନ୍‌ର ପଛବଗିରେ ଚାପିହୋଇ ଯାଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଉରକେଲା ଡାକ୍ତରଖାନାକୁ ନିଆଯାଇଥିଲା ସେଠାରେ ଡାକ୍ତର ଚନ୍ଦ୍ରମଣିଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ରାଉରକେଲା ଶବଗୃହରେ ଥିବାବେଳେ ତାଙ୍କ ପରିଜନ ଓ ଗ୍ରାମବାସୀ କମ୍ପାନି ମୁଖ୍ୟାଳୟ ନିକଟରେ ଯମଂଟି ଅସବସ୍ଥାର ବ୍ୟାଳ ଲଗିଥିଲେ । ସାହାଯ୍ୟକରେ କିଛିସମୟ ପାଇଁ ମୁଖ୍ୟାଳୟ ନିକଟରେ ଉତେଜନା ପ୍ରକାଶ ପାଇଥିଲା । ରାଜଗାଙ୍ଗପୁର ଥାନାଧିକାରୀ ଫୋର୍ସ ସହ ଘଟଣାସ୍ଥଳରେ ପହଂଚିବା ପରେ ମାମଲା ଶାନ୍ତ ପଡ଼ିଥିଲା । ମାଲିଷ୍ଟେଙ୍କ ସହ କାରଖାନା ମୁଖ୍ୟାଳୟ ଆଗରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ରାଜଗାଙ୍ଗପୁର ବିଧାୟକ ସିଂହ୍ ରାଜନ ଘଟଣାସ୍ଥଳରେ ପହଂଚିବା ସହ କ୍ଷତିପୂରଣ ଦାବିକୁ ସମର୍ଥନ କରି ଧାରଣାରେ ବସିଥିଲେ । ପରବର୍ତୀ ସମୟରେ କ୍ଷତିପୂରଣ ବାବଦରେ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ ଉପସ୍ଥିତିରେ କର୍ତ୍ତୃପକ୍ଷ ମୃତକଙ୍କ ପରିଜନଙ୍କୁ ଆଲୋଚନା ପାଇଁ ଡାକିଥିଲେ । ଖବର ଲେଖାଏଁହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିଲା । ଅନ୍ୟପକ୍ଷରେ ଦୁର୍ଘଟଣାର ତଦନ୍ତ ଚାଲିଥିବା ଓ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ସମସ୍ତ ସହାୟତା ଯୋଗାଇ ଦିଆଯାଇଛି ତଥା ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ସହଯୋଗ କରାଯିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି ।

ଅପହରଣ ଓ ଯୌନ ନିର୍ଯାତନା ଅଭିଯୋଗରେ ଫେରାର ଦୁଇ ଅଭିଯୁକ୍ତ ଗିରଫ

ବାଲିଗୁଡ଼ା, ତା, ୪/୨: (ଆ.ପ୍ର.): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲାଘର ଥାନା ଅଂଚଳରେ ଜଣେ ଅପ୍ରାପ୍ତବୟସ୍କା କନ୍ୟାଙ୍କୁ ଅପହରଣ ଏବଂ ଯୌନ ନିର୍ଯାତନା କରାଯାଇଥିବା ଅଭିଯୋଗରେ ପୁଲିସ ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସୁଶୀଲ ନାୟକ (୧୮) ଓ ନିତେଶ ନାୟକ (୨୦), ଉଭୟ ଝିରିପାଣି ଗ୍ରାମର ବାସିନ୍ଦା ବୋଲି ପୋଲିସ ପ୍ରକାଶ କରିଛି । ଘଟଣା ରୁ ପ୍ରକାଶ ଯେ, ଚଳିତ ମାସ ୧ତାରିଖ ଅପରାହ୍ନରେ ୧୪ ବର୍ଷୀୟା ନାବାଳିକା ଜଣକ ନିଜଘରୁ ଜେନାଲକୁ ଗାଧୋଇବାକୁ ଯାଇଥିଲେ, କିନ୍ତୁ ସେ ଆଉ ଘରକୁ ଫେରିନଥିଲେ । ପରିବାର ସଦସ୍ୟମାନେ ଆଖପାଖ ଅଂଚଳ ଓ ନିକଟସ୍ଥ ଗ୍ରାମଗୁଡ଼ିକରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିନଥିଲା । ପରଦିନ ସକାଳେ ସେ ଘରକୁ ଫେରିଥିଲେ । ପୁଲିସ ତଦନ୍ତ ସମୟରେ ପୀଡିତା କହିଛନ୍ତି ଯେ, ଅଭିଯୁକ୍ତ ମାନେ ତାଙ୍କର ମୁହଁ ଢାଙ୍କି ଜୋରକରି ଅପହରଣ କରି ଜାଦମସାରୁ ଜଙ୍ଗଲକୁ ନେଇଯାଇଥିଲେ । ସେଠାରେ ତାଙ୍କୁ

ଯୌନ ନିର୍ଯାତନା, ଶାରୀରିକ ଆକ୍ରମଣ କରାଯାଇଥିବା ସହ ଘଟଣାର କିଛିଡି ପ୍ରଚାର କରିବାକୁ ଧମକ ଦିଆଯାଇଥିଲା । ରାତି ପର୍ଯ୍ୟନ୍ତ ତାଙ୍କୁ ଅବୈଧ ଭାବେ ଅଟକ ରଖି ପରେ ଛାଡ଼ି ଦିଆଯାଇଛନ୍ତି । ଲିଖିତ ଅଭିଯୋଗ ଆଧାରରେ ବେଲଘର ଥାନା କେସ୍ ନଂ.୧୦/୨୬ ରେ ଏକ ମକଦମା ରୁଜୁ କରାଯାଇ, ବିଏନଏସ୍ ଧାରା ୧୩୭(୨), ୧୨୬(୨), ୧୧୫ (୨), ୬୨, ୬୪, ୩(୫) ସହ ପୋକ୍ସୋ ଆଇନର ଧାରା ୮ ଅନୁସାରେ ମାମଲା ରୁଜୁ ହୋଇଛି । ପୁଲିସ ସୂଚନା ଅନୁସାରେ, ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୀଡିତା ଓ ଅଭିଯୁକ୍ତମାନଙ୍କର ଡାକ୍ତରୀ ପରୀକ୍ଷା ସମ୍ପନ୍ନ ହୋଇଥିବା ସହ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ସମସ୍ତ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଚାଲିଥିବା ପୁଲିସ ପ୍ରକାଶ କରିଛି ।

ବାଲୁଗାଁ ମହାବିଦ୍ୟାଳୟର ବିଜ୍ଞାନ ପରିଷଦର ବାର୍ଷିକ ଉତ୍ସବ

ତିଲିଜାବାଣପୁର, ୪/୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟର ସଞ୍ଜିକନୀ କକ୍ଷ ଠାରେ ବିଜ୍ଞାନ ପରିଷଦର ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ବୁଦୁଲି ଆନୁଷ୍ଠାନିକ ଭାବେ ଉଦଘାଟନ କରି ବିଜ୍ଞାନ ପ୍ରଦର୍ଶନୀ ଜ୍ଞାନର ସେଲ ଶାଖା, ଯାତ୍ରା ପରୀକ୍ଷା, ପର୍ଯ୍ୟବେକ୍ଷଣ ଓ ତର୍କ ମାଧ୍ୟମରେ ପ୍ରକୃତିର ସତ୍ୟକୁ ପରିପ୍ରକାଶ କରିଥାଏ ? ବୋଲି ମତପ୍ରକାଶ କରିଛନ୍ତି । ଏହି ସମାରୋହରେ ଯୁକ୍ତ ବୁଜ ଅଧ୍ୟକ୍ଷ ସୁରମା ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡଃ କୈଳାସ ଚନ୍ଦ୍ର ମହାପାତ୍ର, ପ୍ରତିଷ୍ଠାନ ଅଧିକାରୀ

ସୁଧାକର ନାୟକ,ଚରୟାନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଗୁରୁତ କୁମାର ତ୍ରିପାଠୀ, ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ବିଦ୍ୟାଧର ଷ୍ଟୁଆରପିଂହ, ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରବୀଣ କୁମାର ଜେନା, ଗଣିତ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଶିବଗାମ ସିଂହ, ପରାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ରାମ ରାଉତ, ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟକ୍ଷ ହିମାଂଶୁ କୁମାର ବାଶ ପ୍ରମୁଖ ଯୋଗଦେଇ କହିଲେ ଯେ, ବିଜ୍ଞାନ କୌତୁହଳି ଅନ୍ଧ ବିଶ୍ୱାସ ଉପରେ ନୁହେଁ, ବରଂ ପର୍ଯ୍ୟବେକ୍ଷଣ, ପରୀକ୍ଷା ଓ ତର୍କ ଉପରେ ଆଧାରିତ ।ବିଜ୍ଞାନର ଆବିଷ୍କାର ଦ୍ୱାରା ଆଜି ମନୁଷ୍ୟର ଜୀବନ ସହଜ ଓ ସୁବିଧାଜନକ ହୋଇଛି । ବିଦ୍ୟୁତ, ଯାତାୟାତ, ଚିକିତ୍ସା, ଯୋଗାଯୋଗ ସମସ୍ତ କ୍ଷେତ୍ରରେ ବିଜ୍ଞାନ ଆମକୁ ଆଗେଇ ନେଇଛି,ଏହା ସବୁ ମାନବ ର ଅସୀମ ଜିଜ୍ଞାସାର ଫଳ ବୋଲି ମତବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀ ମାନେ ବିଜ୍ଞାନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରନ୍ତୁ ବୋଲି ଉପଦେଶ ଦେଇଥିଲେ ।ଏହି ଅବସରରେ ବିଜ୍ଞାନ ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ସମାରୋହରେ ବିଜ୍ଞାନ ପରିଷଦର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଗଣ ଉପସ୍ଥିତ ରହି ସହଯୋଗ କରିଥିଲେ । ପରିଶେଷରେ ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀ ବିଦ୍ୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଜ୍ଞାପନ କରି ସଭା ସମାପ୍ତ କରିଥିଲେ ।

ଦୀର୍ଘ ଅପେକ୍ଷାର ଅନ୍ତ : ଆଜି ଖଡିଆଳ ମହୋତ୍ସବ–୨୦୨୬ ଉଦ୍ଘାଟନ

ଖଡ଼ିଆଳ, ୪/୨ (ଆ.ପ୍ର) : ଦୀର୍ଘ ଅପେକ୍ଷାର ଅନ୍ତ ଘଟିଛି । ଆଜି ଖଡିଆଳ ମହୋତ୍ସବ–୨୦୨୬ ଉଦ୍ଘାଟିତ ହେବ । ଏହି ମହୋତ୍ସବ ପାଂଚ ଦିନ ଧରି ଆନନ୍ଦ ଓ ଉତ୍ସାହର ସହ ପାଳିତ ହେବ ବୋଲି ଆୟୋଜିତ ସାମାଜିକ ସଞ୍ଜିକନୀରେ ସୂଚନା ଦିଆଯାଇଛି । ସାମାଜିକ ସଞ୍ଜିକନୀରେ ମଞ୍ଚୋପରେ ପାଳନ କମିଟି ସଭାପତି ପୃଥ୍ୱୀରାଜ ମହାନ୍ତି, ପୂର୍ବତନ ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ, ମିମାଙ୍କି ଚରଣ ଦାଶ, ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ପଡ଼ା, ବରିଷ୍ଠ ସଦସ୍ୟ ଜଗବନ୍ଧୁ ବାରିକ, ବଳଭଦ୍ର ମହାଭତୀ ଓ ଉଃ. ମୋହନ ରାମଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ନେତୃବୃନ୍ଦ କହିଥିଲେ ଯେ ଖଡିଆଳ ମହୋତ୍ସବକୁ ଜିଲ୍ଲା ସ୍ତରରୁ ଜାତୀୟ ସ୍ତରକୁ ପହଂଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକମାନଙ୍କୁ ଏହି ମହୋତ୍ସବର ସକ୍ରିୟ ସଦସ୍ୟ ଓ ପରିଚାରକ ଅଂଶ ଭାବେ ଦେଖିବାକୁ ଆହ୍ୱାନ ଦିଆଯାଇଥିଲା । ବୈଠକରେ ପ୍ରତିବର୍ଷ ସାମାଜିକଙ୍କ କଲ୍ୟାଣମୂଳକ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା ପରମ୍ପରା ଆରମ୍ଭ ହୋଇଥିବା ଘୋଷଣା କରାଯାଇଛି । ଚଳିତ ବର୍ଷ ଜିଲ୍ଲାର ବରିଷ୍ଠ ସାମାଜିକ ଅଜିତ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବ । ମହୋତ୍ସବରେ ୨୮ଟି ପୁରସ୍କାର୍ଣ୍ଣ ଷ୍ଟଲ୍ ସହ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ପ୍ରସିଦ୍ଧ କଳାକାର ଯୋଗ ଦେଇ ନିଜ କଳା ପ୍ରଦର୍ଶନ କରିବେ । ଷ୍ଟାଲ ନାଇଟ୍‌ରେ ପପୁଣ୍ଡା ଜୈଳାସ ଖେର ଯୋଗ ଦେବା ସହ ଓଲିଉଡ ଅଭିନେତ୍ରୀ ଇରା ମହାନ୍ତି ମଧ୍ୟ ଉପସ୍ଥିତ ରହିବେ ।

ଭତା ପାଇଁ ୧୮ କିଲୋ ମିଟର ଆସୁଛନ୍ତି ୮୨ ବର୍ଷୀୟ ବୃଦ୍ଧ

ବଶପଲ୍ଲୀ, ୪/୨ (ଆ.ପ୍ର) : ବୟସ ଯାଷାପାଣ୍ଡ ୮୨ । ପକ୍ଷାଘାତ ରୋଗରେ ଆକ୍ରାନ୍ତ । ହେଲେ ଭତା ଅର୍ଥ ପାଇବା ପାଇଁ ଅତିବାଙ୍କୁ ପଡୁଛି ୧୮ କିଲୋମିଟର । ବୃଦ୍ଧ ଜଣଙ୍କ ହେଉଛନ୍ତି ବଶପଲ୍ଲୀ ବ୍ଲକ ଗୁରୁଡ଼ିପଡା ପଂଚାୟତ ଅନ୍ତର୍ଗତ ଚମ୍ପାଜଳି ଗ୍ରାମର ଅଚ୍ୟୁତ ସେଠୀ

। ସେ ଗାଁ ରୁ ବଶପଲ୍ଲୀ ସହର ମଧ୍ୟରେ ଥିବା ବ୍ୟାଙ୍କକୁ ଆସିବା ପାଇଁ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟର ସରକାର ଏଭଳି ବ୍ୟକ୍ତିଙ୍କ କ୍ଷେତ୍ରରେ ଭତା ପ୍ରଦାନ ପାଇଁ ସହଜ ଓ ସରଳ ବ୍ୟବସ୍ଥା କରିଥିବା ବେଳେ ଅନ୍ୟତ୍ର କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ସମସ୍ୟାର ସମାଧାନ ପାଇଁ ସରକାର ଜମେଶ ସାହୁ ଦାବି କରିଛନ୍ତି ।

ଶିକ୍ଷାବିତ୍ ନିତ୍ୟାନନ୍ଦ ସ୍ମାରକୀ ପାଠାଗାରର ପ୍ରତିଷ୍ଠା ଦିବସ ପାଳନ

ଧାମନଗର, ୪/୨ (ଆ.ପ୍ର) : ଧାମନଗର ଏନ ଏ ସି ଅଧିକସ୍ଥ ହାଇସ୍କୁଲ ନିକଟରେ ପ୍ରତିଷ୍ଠିତ ଶିକ୍ଷାବିତ୍ ନିତ୍ୟାନନ୍ଦ ସ୍ମାରକୀ ପାଠାଗାର ର ପ୍ରତିଷ୍ଠା ଦିବସ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଠାଗାରର ପରିଚାଳିକ ରସାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲତୁକ, ମୁଖ୍ୟ ବକ୍ତା ଭାବେ ବାଗ୍ମିଜଦି ଦୟାନିଧି ମିଶ୍ର,ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଶିକ୍ଷା ବିତ୍ ଶଚିକାନ୍ତ

ପଣ୍ଡା, ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ନିରାକାର ଧଳ,ସିଦ୍ଧେଶ୍ୱର ସାମଲ,ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ, ରାଧାଶ୍ୟାମ ପଣ୍ଡା, ଅଧ୍ୟାପିକା ଡ.ହରିପ୍ରିୟା ସେଠୀ, ଶିକ୍ଷୟିତ୍ରୀ ସୁମତୀ ନାୟକ,ସାମାଜିକ ସେଜ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, କୁକମଣି ବେହେରା, ସମାଜସେବୀ ନାରାୟଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ପାଠାଗାର ପ୍ରତିଷ୍ଠା ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ହାଇସ୍କୁଲ ଏବଂ ପାଠାଗାର କର୍ମଚାରୀ ରଜିକାନ୍ତ ଓ ପୁରୁଷୋତମ ମାହାଳିକ ପରିଚାଳନାରେ ସହଯୋଗ କରିଥିବା ବେଳେ ସାମାଜିକ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ

ଶୀର୍ଷଛକ
ଆରମ୍ଭ
SEITHO ARAMBHA
ଗୁରୁବାର, ୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଗାଦି ମାଡ଼ି ବସିଛନ୍ତି ସରକାରୀ ବାବୁ ସରକାରୀ ନିୟମର ଉଡୁଛି ଧଜିଆ

ବାଲେଶ୍ୱର, ୦୪/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା, ବାହାନଗା ବ୍ଲକ, ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସହ ଶିକ୍ଷା ଅଧିକାରୀଭାବେ କାର୍ଯ୍ୟରତ ଅଛନ୍ତି ରୁହିଦା ଗୁଡ଼୍ଡୁ । ସେ ବାହାନଗା ବ୍ଲକରେ ୨୦୧୭ ମସିହାରେ ଯୋଗଦାନ କରିଥିଲେ । ଦିନକୁ ଦିନ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟ କରିବା ସହିତ ଅଫିସ ସମୟରେ ମାଦକ ଦ୍ରବ୍ୟ ସେବନ କରୁଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଘୋରିବୁଲୁଛି । ମାତ୍ର ଏନେଇ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇନଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମାତ୍ର ସରକାରୀ ନିୟମ ଅନୁଯାୟୀ ୨୩/୦୯/୨୦୧୫ ରେ ଚିଠି ନମ୍ବର - ୧୯୭୯୪ ମୂଳେ ୬ ବର୍ଷ ପରେ ସେହି ସ୍ଥାନରୁ ବଦଳି ହେବାର ନିୟମ ଥିବାବେଳେ, ବାହାନଗା ବ୍ଲକରେ ସହ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଅଧିକାରୀଙ୍କ ଶ୍ରୀ ଗୁଡ଼୍ଡୁଙ୍କ କ୍ଷେତ୍ରରେ ନିୟମ କାର୍ଯ୍ୟକାରୀ ନକରିବା, ପ୍ରଶାସନର ପାରିବା ପରିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପଟେ ଏହି ଅଧିକାରୀଙ୍କ ମଧ୍ୟ ଉପରେ କେଉଁ ଅଦୃଶ୍ୟ ଶକ୍ତିର ହାତ ରହୁଥିବା ଯୋଗୁ ତାଙ୍କର ଅନ୍ୟତ୍ର ବଦଳି ହେଉନଥିବା ଚା ଖଡ଼ିରେ ଆଲୋଚନା ହେଉଥିବା ଶୁଣାଯାଉଛି । ମାତ୍ର ଏନେଇ ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଏହାକୁ ଅଣଦେଖା କରିବା ସହିତ ତାଙ୍କ ମୁଣ୍ଡରେ ସୁନା ଜନସ ଢାଳି ଏଠାରେ ଗାଦି ମାଡି ବସାଇଛନ୍ତି । ଶୁଣିବାକୁ ମିଳୁଛି ବାବୁ ଜଣଙ୍କ ଉପରସ୍ଥିତ ଅଧିକାରୀଙ୍କ ଠାରୁ ଆରମ୍ଭ କରି ନିଜ ନେତାଙ୍କୁ ହାତ ବାନ୍ଧିଶୀ କରି, ନିଜର ଗାଦିକୁ ସୁରକ୍ଷିତ କରି ରଖୁଛନ୍ତି । ତେବେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ କେବେ ଏହି ଘେରି ଗଡାଉଥିବା ବାବୁଙ୍କ ଉପରେ ବି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇ, ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରୁଛନ୍ତି ତାହା ଦେଖିବାକୁ ବାକିରହିଲା ।

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆବକ୍ଷ ବ୍ରୋଞ୍ଜ ପ୍ରତିମୂର୍ତି ଅନାବରଣ ଉତ୍ସବ ଅନୁଷ୍ଠିତ

ନିମ୍ନଗିରି, ୦୪/୦୨ (ଆ.ପ୍ର) : ଆଜି ଦିବା ଘ. ୧୦ଟାକା ସମୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୀଳଗିରି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଛକ ଠାରେ ସ୍ଥାପିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆବକ୍ଷ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ଭାଷା ଓ ସାହିତ୍ୟର ଅନନ୍ୟ ବିଦ୍ୱାଣ୍ଡୀ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପାର୍ଚ୍ଚନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫିତା କାଟି ଅନାବରଣ କରିଥିଲେ । ପରେ ପରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ବାଲେଶ୍ୱରର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମେତ ନୀଳଗିରି ସଂଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ,ନୀଳଗିରି ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ପୌର ପରିଷଦ ନିର୍ବାହୀ ଅଧିକାରୀ, ଅଂଶୁମାନ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟା ଦୃୟ ରଞ୍ଜିତା ସିଂ, କଳ୍ପନା ମଞ୍ଜରୀ ସିଂ ପ୍ରମୁଖ ମଂଚାସିନ ଥିଲେ । ଏହି ଅନାବରଣ ଉତ୍ସବରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ କି ଓଡ଼ିଶାର ମହାନ ମନୀଷୀ ମାନଙ୍କ ମଧ୍ୟରେ ବ୍ୟାସକବି ଫକୀରମୋହନ ସେନାପତି ଅନନ୍ୟ । ବାଲେଶ୍ୱର ଜିଲ୍ଲାର ନୀଳଗିରି ଚଡ଼ଚାଡ ମାଟି ତାଙ୍କ କର୍ମଭୂମିରେ ଦିବ୍ୟାନ ସହ ସାହିତ୍ୟ ସାଧନ କରି ନିଜର ବହୁମୁଖୀ ପକ୍ଷତା ପ୍ରତିଭା ସୃଷ୍ଟି କରି ଥିଲେ । ଅନ୍ୟ ଦେଶୀୟ ରାଜ୍ୟରେ ମଧ୍ୟ ଦେଶ୍ୱାନି କାର୍ଯ୍ୟଭାର ତୁଲାଇଥିଲେ । ତାଙ୍କ ତୀକ୍ଷ୍ଣ ଶବ୍ଦ ଲେଖନୀ ମୁନରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ହେବା ସହିତ ଭାଷା ଭିତିକ ରାଷ୍ଟ୍ର ଗଠନର ମୂଳ କର୍ଣ୍ଣଧାର ଥିଲେ । ତାଙ୍କରି ଅଦମ୍ୟ ଚେଷ୍ଟା ଲେଖନୀ ଚାଳନା ବଳରେ ସମାଜରେ ପରିବର୍ତ୍ତନ ହୋଇପାରିଥିଲା । ଆଜି ସେହି ମହାନ୍ ବୈପ୍ଳବିକ ପରିବର୍ତ୍ତନର କର୍ଣ୍ଣଧାର ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ବା ଅନାବରଣ କରି ନିଜକୁ ଧନ୍ୟ ମନେ କରୁଛି । ଅନ୍ୟାନ୍ୟ ବକ୍ତେଣ୍ୟ ଅତିଥି ଗଣ ଫକୀର ମୋହନଙ୍କ ଅତୀତ କୀର୍ତ୍ତିକୁ ସ୍ମୃତି ଚାରଣ କରିଥିଲେ । ଉକ୍ତ ସାଧାରଣ ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ପୌରୋହିତ୍ୟ କରିଥିବା ବେଳେ ମୂଳତଃ ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ଏହି ଉତ୍ସବରେ ନୀଳଗିରି ପଂଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଂଚଳରୁ ଆସିଥିବା ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ବୁଦ୍ଧିଜିବୀ, ସମାଜସେବୀ, ଲୋକ ପ୍ରତିନିଧି, ପୂର୍ବତନ ଲୋକ ପ୍ରତିନିଧି, ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଏବଂ ସାମୁଦିକ ଗଣ ଯୋଗ ଦେଇ ସଫଳତା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

‘ସ୍ରଷ୍ଟା’ ନାଟ୍ୟାନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ହେଲା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବାଲେଶ୍ୱର, ୦୪/୦୨ (ଆ.ପ୍ର) : ଜଇଁ ଫୁଲର ପୋଖରୀରେ ନୈସର୍ଗିକ ସୌନ୍ଦର୍ଯ୍ୟ କାହାକୁ ବିମୋହିତ ନ କରେ? କିନ୍ତୁ ସେଇ ଜଇଁ ପୋଖରୀ କଣ ଜାଣିଥାଏ ତାହାରି ଗର୍ଭରେ ଦିନେ ପୂର୍ଣ୍ଣ ପ୍ରସ୍ଫୁଟିତ ହେବା ପୂର୍ବରୁ ଅସଂଖ୍ୟ ଜଇଁ ଜଡ଼କର ଜୀବନ ନିର୍ବୀଚିତ ହେବ ? ହେଲେ ଗୋଟିଏ ବି ହେଲେ ଜଇଁଫୁଲ ଫୁଟୁ ଓ ବଂଚି ରହୁ । ଜେହିଜଣେ ଭଲ ମଣିଷଟିଏ ଏହି ବଳ ପଙ୍କ ଭିତରୁ ଜଇଁ ଫୁଲଟିକୁ ସାଉଁଟି ନେବ । ସେଇ ସାଉଁଟା ଜଇଁ ଫୁଲ ସାଉଁଟି ନେଲା ପରେ ସେଇ ଜଇଁଟି ମଉଳି ଗଲା ନା ଜିଇଁ ଜି ରହିଲା ? ସେଇଟା ଗୋଟେ ଜଇଁଫୁଲ ନା ଜଇଁ ପରି ଦିଶୁଥିବା ସୁନ୍ଦର ଝିଅଟିଏ । ଜଇଁ ଫୁଲ ଜାହା ପାଇଁ ଅଲୋଡା ହୋଇପାରେ, କିନ୍ତୁ ଜଇଁଫୁଲଟିର ବଂଚିବାର ଅଧିକାର ରହିଛି । ନାରୀ ନିଜକୁ ରତ୍ନ ବୋଲି ଯଥାର୍ଥରେ ଯେତେ ପ୍ରତିପାଦିତ କଲେ ବି ସମାଜ ତାକୁ କାଣି ଜହ୍ନଡ଼ିରେ ରଖିବାକୁ ତତ୍ପରି ଅପ୍ରସ୍ତୁତ । କିନ୍ତୁ କାହିଁକି ? ଆମର ଏ ରୁଗ୍ନ ମାନସିକତା ପାଇଁ ବ୍ୟକ୍ତି ବିଶେଷ ଦାୟୀ ନା ଆମର ପୁରୁଣା ଚିନ୍ତିତ ବିଭିନ୍ନ ବୃଦ୍ଧି କୋଣ ଉପରେ ଆଲୋକପାତ କରିଥିଲେ । ‘ସ୍ରଷ୍ଟା’ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ ସଭାପତି ଆଲୋକ କୁମାର ସାହୁ ପ୍ରକ୍ ଜଜନ ରଖିଥିଲେ । ଉପସଭାପତି ପ୍ରସନ୍ନ କୁମାର ଦାସ ମଂଚ ଆସୀନ କରିଥିଲେ । ଶେଷରେ ନାଟକାର ପାଚାମାର ଦାସ ଶେଷ କଥା ରଖିବା ପରେ ମଂଚାନ ଦାସଙ୍କ ଲିଖିତ ତଥା ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ନାଟକ ‘ସାଉଁଟା ଜଇଁ’ ଓଡିଶା ନାଟକ ସମାରୋହ ସମିତି ଭଦ୍ରକୁଡ଼ର ନାଟ୍ୟସଂସ୍ଥା ଦ୍ୱାରା ମଂଚସ୍ଥ ହୋଇଥିଲା । ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ନାଟ୍ୟକାର ମେଜର ତତ୍ତ୍ୱର ପ୍ରଦୀପ ଝୋମିଲ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସୁବକନେତା ତଥା ସମାଜସେବୀ ବିନ୍ଦ୍ରା ପଣ୍ଡା ଯୋଗ ଦେଇ ନାଟକର ବିଭିନ୍ନ ବୃଦ୍ଧି କୋଣ ଉପରେ ଆଲୋକପାତ କରିଥିଲେ । ‘ସ୍ରଷ୍ଟା’ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ ସଭାପତି ଆଲୋକ କୁମାର ସାହୁ ପ୍ରକ୍ ଜଜନ ରଖିଥିଲେ । ଉପସଭାପତି ପ୍ରସନ୍ନ କୁମାର ଦାସ ମଂଚ ଆସୀନ କରିଥିଲେ । ଶେଷରେ ନାଟକାର ପାଚାମାର ଦାସ ଶେଷ କଥା ରଖିବା ପରେ ମଂଚାନ ଦାସଙ୍କ ଲିଖିତ ତଥା ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ନାଟକ ‘ସାଉଁଟା ଜଇଁ’ ଓଡିଶା ନାଟକ ସମାରୋହ ସମିତି ଭଦ୍ରକୁଡ଼ର ନାଟ୍ୟସଂସ୍ଥା ଦ୍ୱାରା ମଂଚସ୍ଥ ହୋଇଥିଲା ।

ଦ୍ୱାଦଶ ସମାବର୍ତନ ଉତ୍ସବରେ ନୀଳଗିରିର ଦୁଇ ପ୍ରତିଭା ସମ୍ମାନିତ

ନୀଳଗିରି, ୦୪/୦୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତନ ଉତ୍ସବରେ ନୀଳଗିରିର ଦୁଇ ପ୍ରତିଭା ହେଲେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଓ ଅବିନାଶ ବେହେରାଙ୍କୁ ସମ୍ମାନିତ କରାଯାଇଛି । ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ହେଉଛନ୍ତି ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଣିଆଗାଁ ନିବାସୀ ସ୍ୱର୍ଗତ ଲାଡ଼ିକେଶ୍ୱର ମିଶ୍ର ଓ ସ୍ୱର୍ଗତ ବିନୋଦିନୀ ମିଶ୍ରଙ୍କ କନିଷ୍ଠ ପୁତ୍ର । ଅଧ୍ୟାପକ ମିଶ୍ର ଓଡ଼ିଆ ଭାଷାବଦ ଉପରେ ନିଜର ଗବେଷଣା କରି ସମାବର୍ତନ ଉତ୍ସବରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଓଡ଼ିଶାର ଜଳଶିଶମନ୍ତ୍ରୀଙ୍କ କରକମଳରୁ ଡକ୍ଟରେଟ ଉପାଧି ପ୍ରାପ୍ତହୋଇ ନୀଳଗିରିର ଗୌରବ ବୃଦ୍ଧି କରିଛନ୍ତି । ସେହିପରି ନୀଳଗିରିର ଖରଡିଆ ଗ୍ରାମ ନିବାସୀ ଗଜେନ୍ଦ୍ର ବେହେରା ଓ ବମୟନ୍ତୀ ବେହେରାଙ୍କ ସୁପୁତ୍ର ଅବିନାଶ ବେହେରା ୨୦୨୫ ମସିହାରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ଜୟକରି ଜଳଶିଶମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଙ୍କର ଠାରୁ ପୁରସ୍କୃତ ହୋଇଛନ୍ତି । ପ୍ରକାଶ ଥାଉକି ଏ ଦୁଇ ପ୍ରତିଭାଙ୍କ ମଧ୍ୟରେ ଅଧ୍ୟାପକ ମିଶ୍ର ଜଣେ ସ୍ୱତନ୍ତ୍ରା ଦେବାସହ ଆଧ୍ୟାତ୍ମିକ ଆଲୋଚନା ପାଇଁ ସାରା ଓଡିଶାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଜଣାଯାଇଛି । ଅନ୍ୟ ପକ୍ଷରେ ଅବିନାଶ ବେହେରା ମଧ୍ୟ ସିଦ୍ଧାର୍ଥ ଭକ୍ତି ଚେନାଲରେ ବେଦ ଅଧ୍ୟୟନକରି ସମଗ୍ର ଓଡ଼ିଶାରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ଏହି ସଫଳତା ପରେ ଗଜେନ୍ଦ୍ର ମାଟିରେ ଦୁଇ ପ୍ରତିଭାଙ୍କୁ ସାଧାରଣ ରେ ଅଜସ୍ର ଅଭିନନ୍ଦନ ଜ୍ଞାପନ କରାଯାଉଛି ।

ରାଜ୍ୟସ୍ତରୀୟ ନେତୃବର୍ଗଙ୍କ ଉପସ୍ଥିତିରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୪/୦୨ (ଆ.ପ୍ର) : ଅଦ୍ୟ ହିନ୍ଦ ମଜଦୁର ସଭା ଆନୁକୂଲ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାମାନଙ୍କର ଏକ କାର୍ଯ୍ୟକାରିଣୀ ବୈଠକ ଶ୍ରମିକ ନେତା ତଥା ହିନ୍ଦ ମଜଦୁର ସଭାର ବାଲେଶ୍ୱର ଜିଲ୍ଲାର ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ଆହ୍ୱାନ କ୍ରମେ ପୂର୍ବାହ୍ନ ୧୧ ଘଟିକାରେ ବାଲେଶ୍ୱର ରେଲୱେ ଷ୍ଟେସନ ଠାରୁ ଆରମ୍ଭ କରି ଏକ ବିରାଟ ମୋଟର ସାଇକେଲ ରାଲି ଯାତ୍ରା ସମରେହ୍ନ କୁଣ୍ଡୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ମେଦୁନ୍ଦୁନ୍ଦ ବ୍ରଜ କିଶୋର ତ୍ରିପାଠୀ, ପ୍ରଫୁଲ୍ଲ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ପ୍ରଭାତ ତ୍ରିପାଠୀ, ଭୁବନାନନ୍ଦ ମହାପାତ୍ର ପ୍ରମୁଖ ମେଦୁନ୍ଦୁନ୍ଦ ମାଲ୍ୟାର୍ପଣ କରିଥିଲେ । ତତ୍‌ପରେ ବାଲେଶ୍ୱର ଷ୍ଟେସନ କୁଚରେ ହିନ୍ଦ ମଜଦୁର ସଭାର ଜିଲ୍ଲା ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସର୍ବପ୍ରଥମେ ରାଜ୍ୟ ହିନ୍ଦ ମଜଦୁର ସଭାର ସଧାରଣ ସମ୍ପାଦକ ଭୁବନାନନ୍ଦ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏଥିପରେ ରାଜ୍ୟ ପୂର୍ବତନ ଶ୍ରମମନ୍ତ୍ରୀ ପ୍ରଫୁଲ୍ଲ ସାମଲ ହିନ୍ଦ ମଜଦୁର ସଭାର ବୃତ୍ତଷତ୍ତା ବିଲୀନୀକରଣର ଶ୍ରମିକ ମାନଙ୍କର ସମସ୍ୟା, ଶ୍ରମିକ ସଂଗଠନକୁ ଦୃଢ଼ କରିବା ଏବଂ ଅରୁଣ ସ୍ୱାଇଁଙ୍କ ହାତ ମଠାକୁ ଟାଣ କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ହିନ୍ଦ ମଜଦୁର ସଭା ଓ ରାଜ୍ୟ ପରାମର୍ଶଦାତା ଓ ପୂର୍ବତନ ଖଣି ଶ୍ରମ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କେନ୍ଦୁପତ୍ର ତୋଳାନୀ ଏବଂ ନିର୍ମାଣ ଶ୍ରମିକ ସଂଗଠନକୁ ଦୃଢ଼ କରିବା ନିମନ୍ତେ ମତ ପ୍ରକାଶ କରିଥିଲେ । ରାଜ୍ୟ ହିନ୍ଦ ମଜଦୁର ସଭାର ସାଧାରଣ ସମ୍ପାଦକ ଓ ରାଜ୍ୟର ପୂର୍ବତନ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଭାତ ତ୍ରିପାଠୀ ତାଙ୍କ ଭାଷଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମିକ ମାରଣ ନିତୀକୁ ଦୃଢ଼ ସମାଲୋଚନା କରିଥିଲେ, ମୁଖ୍ୟଅତିଥିଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଶିଷ୍ଟ ଶ୍ରମିକ ନେତା ବ୍ରଜ କିଶୋର ତ୍ରିପାଠୀ ବର୍ତ୍ତମାନ ସରକାରଙ୍କର ଜଗତିକରଣ ନୀତିକୁ ରଦ୍ଦ କରି ତାହା ବଦଳରେ ଘରୋଇକରଣ ନୀତି ପ୍ରଚଳନ କରିବା, ବିଦ୍ୟୁତ୍ ଟ୍ୟାକ୍ସ ବୃଦ୍ଧି, ସ୍ମାର୍ଟ ମିଟର ବସାଇବାକୁ ବିରୋଧ କରିବା ଓ ଦେଶର ଅର୍ଥନୀତିକୁ ଦୃଢ଼ କରିବା ସହିତ ରାଜ୍ୟର ଶ୍ରମିକମାନେ କୌଣସି କାମ ନପାଇ ବାହାରକୁ ଦାବନ ଖଟିବାକୁ ଯାଉଥିବାର ତିବ୍ର ବିରୋଧ କରିବା ସହିତ ରାଜ୍ୟରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଓ ଆଗାମୀ ୧୨ ତାରିଖରେ ଶ୍ରମିକ ଆନ୍ଦୋଳନକୁ ସଫଳ କରିବାପାଇଁ ଅରୁଣ ସ୍ୱାଇଁଙ୍କୁ ସହଯୋଗ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ । ଏଥିରେ ବିଧାନ ଚନ୍ଦ୍ର ରାୟ, ଶରତ ସାହୁ, ରବିନ୍ଦ୍ର ଦାସ, ସେଖ୍ ମଇଜଉଦ୍ଦିନ, ନରାହରି ମାହାଳିକ ଓ ପିତାମ୍ବର ମାଝି ପ୍ରମୁଖ ବହୁ ଶ୍ରମିକ ଓ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବଶେଷରେ ବାଲେଶ୍ୱର ହିନ୍ଦ ମଜଦୁର ସଭାର ଉପସଭାପତି ଅନୁପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆୟୋଜିତ ହେଲା ଦୈନିକ ଖବର କାଗଜ ‘ପର୍ଯ୍ୟବେକ୍ଷକ’ର ୨୮ତମ ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର

ବାଲେଶ୍ୱର, ୦୪/୦୨ (ଆ.ପ୍ର) : ଭୁବନେଶ୍ୱର ରେଡକ୍ରସ ଭବନ ଠାରେ ଦୈନିକ ଖବର କାଗଜ ‘ପର୍ଯ୍ୟବେକ୍ଷକ’ର ୨୮ତମ ବାର୍ଷିକ ଉତ୍ସବ ବହୁ ଉତ୍ସାହର ସହିତ ଶେଷ ହୋଇଛି । ଏହି ଉପଲକ୍ଷେ ‘ପର୍ଯ୍ୟବେକ୍ଷକ’ ଓ ‘କଳିଙ୍ଗ କ୍ରୋନିକଲ’ ଗ୍ରୁପ୍ ଏବଂ ଇଣ୍ଡିୟାନ ରେଡ କ୍ରସ ସୋସାଇଟି ଓଡିଶା ଶାଖା ତରଫରୁ ଏକ ବିଶାଳ ରକ୍ତ ଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ‘ପର୍ଯ୍ୟବେକ୍ଷକ’ ଓ ‘କଳିଙ୍ଗ କ୍ରୋନିକଲ’ର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଜ୍ୟାପିଟାଲ ହସ୍ପିଟାଲର ମିଡିଏମଆଇ ଆଉର ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସୁଶିଲ କୁମାର ପଟ୍ଟନାୟକ, ରେଡକ୍ରସ ଓଡିଶା ଶାଖାର ନିର୍ଦ୍ଦେଶକ ଡାକ୍ତର ରାମଚନ୍ଦ୍ର ରାଉତ । ରକ୍ତର ଉପଯୋଗିତା ବହୁତ୍ ରକ୍ତ ଦାନ ଏକ ମହତ୍ ଦାନ, ଥାଲାସେମିଆ ଓ ସିକିଲ ସେଲ ରୋଗୀଙ୍କ ପାଇଁ ଏପରିକି ଏମର୍ଜେନ୍ସି ସର୍ଜରୀ ପାଇଁ ଡାକ୍ତର ରାମଚନ୍ଦ୍ର ରାଉତ ଓ ଜ୍ୟାପିଟାଲ ହସ୍ପିଟାଲ ପି ଜି ଏମ ଆର୍ ଆଇ ର ସର୍ଜରୀ ବିଭାଗ ପ୍ରଫେସର ସୁଶିଲ କୁମାର ପଟ୍ଟନାୟକ । ଅନ୍ୟତମ ଅତିଥି ଭାବେ ପୂର୍ବତନ ଅତିରିକ୍ତ ସ୍ୱାସ୍ଥ୍ୟ ନିଦେଶିକା ମମତା ମହାନ୍ତି ନିଜ ବକ୍ତବ୍ୟରେ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକଲର ମୁଖ୍ୟ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟଙ୍କ ବିଗତ ୨୮ ବର୍ଷର ସୋସିଆଲ ଓ୍ୱାର୍କ୍ ପାଇଁ ସାଧୁବାଦ ଜଣାଇବା ସହିତ ଆଜିର ଦିନରେ ରକ୍ତଦାନ ଜୀବନ ଦାନ ବୋଲି କହିଥିଲେ । ଗତାର୍ଦ୍ଧ ୨୮ ବର୍ଷର ସଫଳ ପଦଯାତ୍ରାକୁ ମନେ ପକାଇ ‘ପର୍ଯ୍ୟବେକ୍ଷକ’ର ପ୍ରତିଷ୍ଠା ଦିବସ ଅବସରରେ ଅଉଣ୍ଡିତ ପାଠକ ପାଠିକା, ଲେଖକ ଲେଖିକା ତଥା ଶୁଭେଚ୍ଛୁମାନଙ୍କୁ

ନିତ୍ୟଦିନ
ଆରମ୍ଭ
SEITHO ARAMBHA
ଗୁରୁବାର, ୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ରାଜାନୁଗତ ଧର୍ମ

'ପ୍ରତିକୂଳତା' ହିଁ ଜଣଙ୍କର ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ । ବନବାସ ହିଁ ରାମଙ୍କ ପରିଚିତି ଓ ରାମାୟଣ ମହାକାବ୍ୟ ସୃଷ୍ଟିର କାରଣ । ସେମିତି ବିନା ମହାଭାରତରେ 'ଗୀତା' ଜାଣି, ଅର୍জୁନ, କର୍ଣ୍ଣ ବା ଶ୍ରୀକୃଷ୍ଣ କାହାନ୍ତି ? ମହାକାଳ, ଇତିହାସ ବା ପୁରାଣ ଯେଉଁମାନଙ୍କ ନାମ ଲିଭାଇ ପାରିନାହିଁ ସେମାନେ ଲୋଡିଛନ୍ତି ଯି ହୋଲିଖେଳ ମାତୁଅାଳ କି ଯାତରୋ ଝୁଲ ଦଳିଆ ନୁହନ୍ତି । ଏସବୁରୁ ''ଆହାର ନିଦ୍ରା ଭୟ ମୈଥୁନ''ରେ ଏକାକାର ହୋଇଥିବା ପଶୁ ଦଳିଆ । ଏଙ୍କୁ ମହାକାଳ କୋଳ କେଶାରେ ଖୋଦିତ କରେ ଯେ ! ଜୀବନକୁ, ଯୌବନକୁ ଓ ମାନକୁ ଯେଉଁମାନେ 'ସମୂହ' ପାଇଁ ବାଜି ଲଗେଇ ଦେଇଥା'ନ୍ତି, ନାଲି କିଟିକିଟି ରକତକୁ ଯେଉଁମାନେ, ସେମିତି ବୁଝାଇ ଦିଅନ୍ତି, ତାକୁ ଝାଳ ଭଳି ପାଣି ପରିଲା ଭଳିଦିଅନ୍ତି, ସେମାନଙ୍କ ଲିନ୍ଦୁଗା, ସ୍ୱାରଥ୍ୟ ତ ସର୍ବଗ୍ରାସୀ ଜାଳ ବଗରେ ଖୋଦେଇ ହୋଇଯାଏ । ତା' ସେ ବା କିଏ କି ଲିଭାଇ ପାରନ୍ତିନି । ଖ୍ରୀଷ୍ଟପୂର୍ବ ତିନିଶହରୁ ଅଧିକ ପୂର୍ବରେ ଜଣେ ମଣିଷ ସକ୍ରେଟିସ । ସେ କୁ ରାଜା, ଜମିଦାର ବା ସେମିତିକା କୁ ପଦପଦବୀରେ ଥିଲେ କହୁନା । ଏ ଯାଏ ତାଙ୍କ ନାଁ ଇତିହାସ ଘୋଷୁଛି ନା, ନାହିଁ ମା ! ''ବୁଦ୍ଧୁମ୍ ପରଶେ ପଟ ମିଳିଲା'' ପରିଲା, ତାକ ସହ ସମ୍ବନ୍ଧ ଅନାମଧ୍ୟେୟ, ଅବଜ୍ଞାତ ଗୁଡ଼େ ବି ଅଲିଲା ଏଇ ମଜକାରେ ହୋଇଗଲେ । ସେମିତି ଆମେରିକା ସ୍ୱାଧୀନତା ସଂଗ୍ରାମ ନୋହିଥିଲେ ଜର୍ଜ ୱାଶିଂଟନଙ୍କୁ କିଏ ଜାଣିଥାନ୍ତା ? ଆମ ଗାନ୍ଧୀଙ୍କ କଥା ବେଖୁନା । ଭାରତ ସ୍ୱାଧୀନତା ସଂଗ୍ରାମ ନୋହିଥିଲେ, କିଏ ମଣିଷ ଦିନର ଏ ମହାତ୍ମାଙ୍କୁ ଜାଣି ପାରିଥା'ନ୍ତା ? ସେ କୁ ପଦଧାରୀ କି କୁ କୁଟେଳରେ ଥିଲେ କି ? ପଦପଦବୀରେ ନଥିବା ଜଣେ ସାଧାରଣ ମଣିଷ ପାଇଁ ଜାତିସଂଘ ପ୍ରଥମ ଥର ପାଇଁ ତାଙ୍କ ମୃତ୍ୟୁରେ ସମ୍ମାନ ଜଣାଇ ପତାକାକୁ ଅର୍ଦ୍ଧନମିତ କଲା । ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ ଲୁଇ ଫିସର କେଖିଛନ୍ତି, ''UNO lowered it's flag to half mast. Humanity lowered it's flag.'' ସେଇଥି ପାଇଁ ଇଂରାଜୀରେ ବି କୁହାଯାଇଛି, ''Adversity is the test of man.'' ବିନା ବିପଦରେ, ବିନା ସଂଗ୍ରାମୀରେ କିଏ 'ନିଦା' ହୋଇଛି ଯେ ! ଅବଶ୍ୟ ଜୀବନକୁ ବାଜିମାତ୍ର କରିଦେଇଥିବା ସଲିଏଁ ଲୁଆଡ଼େ ସ୍ମୃତିଭ୍ରଷ୍ଟ ଅର୍ଚ୍ଚନ କରିପାରିଛନ୍ତି । ବିଶ୍ୱ ମହାଶୂନ୍ୟ, ତାଙ୍କ ପୁଅ ଧର୍ମପଦ କି ଏ ଅସାଧାରଣ ଶିଳ୍ପକଳାର ମଣିର 'ବେଲାଶାର୍ଟ' ସୃଷ୍ଟିର ରାଜା ଲାଜୁଲା ନରସିଂହଙ୍କ ବ୍ୟତୀତ କାଳିଁ କିଏ ବାରବର୍ଷ ଜାଳ ଜୀବନକୁ ବାଜି ନାରେଖ ଦେଇଥିବା ଏ କାରାଗରେଙ୍କ ଜିତିବୁ ଜଣଙ୍କ ନାଁ କି କହିପାରିବେ ? ଲଜୁଆ ଜାତି ରାଜପୁତ ଦୁର୍ଦ୍ଦାନ୍ତ ମୋଗଲ ସମ୍ରାଟ ଆଜବରଙ୍କ ବଶ ହେବାପରେ, ତାଙ୍କ ସେନାପତି ବଳିଶ୍ୱର ମାନସିଂ ତାଙ୍କ ଝିଆରୀ ଅନିନ୍ଦ୍ୟ ସୁନ୍ଦରୀ ଯୋଧାବାଈଙ୍କୁ ଆଜବରଙ୍କ ସହ ବିବାହ କରିଥିଲେ । ସେ କାଳରେ, ଝିଅଟିଏର, ମଜିଲାଟିଏର ପାଟି ଫିଟୋଇବାକୁ କୁ କୁ ଥିଲା ? ସେ ତ ବାପ, ମା' ପରିବାରଙ୍କ ଜଣେଜଣେ ଥିଲା ମାତ୍ର । ଅଜଣା ଶାଶୁଘରକୁ ଯାଉଥିବା ବିଚାରୀ 'ଜାଳୀଜାଣ୍ଡ'ର ବାଦୁନୀ କଥା ଯଶସ୍ୱୀ କବି ଫଂସଖାର ଗୋବାଦରାଶ ବଡ଼ ପ୍ରାଣଛୁଆଁ ଭାଷାରେ ଲେଖିଛନ୍ତି, ''ପାରିକୁଦ ବୋଲି ରାଜକ ପୁଅ ସେ ଚିଲିକା ମଝିରେ ଜାହିଁ । କେମନ୍ତେ ମୁହିଁକି ଝିଅକୁ ବାପା ହେ, ଏତେ ଦୂରେ ଦେବା ପାଇଁ ? ବର ବୋଲି ଯାର ଧରାଳକ ହାତ, ନି ତାର ଦେଖିଲ ଶିରୀ, ରୂପ, ବିଦ୍ୟା ଆଉ ବିଭବ ବାପା ହେ, ତିହିଁଏ ତିହିଁକି ବଳି । ମହାମଣ୍ଡଳେ ତ ଥିବ ନାହିଁ ଜଣେ, ମୋ ଲଳି ନିରେଖେ ଜନ, ଏ ମହା ସମୁଦ୍ର ମଝିରେ ବାପା ହେ, କେମନ୍ତେ ବଂଚି ଦିନ । ଏଡ଼େ ହାନିମାନ କରିବାକୁ ଯେବେ, ମନରେ ଥିଲା ବିଚାର, ଏଣ୍ଡୁଚିଶାଳେଟି କିମ୍ପାଇଁ, ବାପା ହେ, ତଣ୍ଡି ଚିପି ନ ମାରିଲ ଝିଅକୁ ନିଷିନ୍ତେ ଦେଇଛୁ ପଠାଇ, ବନ୍ଦରକୁ ଜାଣୁ ଜାଣୁ, ଜପାଳ ଆଗରି ଯାଇଛି, ବୋଲ ଲୋ, ପାସୋରି ନ ବେଦୁ ମାନୁ ।'' ସେମିତିକା ଅସହାୟତାରେ ସମ୍ରାଟ ଆଜବରଙ୍କ ସହ ବିବାହକୁ ଯୋଧାବାଈ ସୌଭାଗ୍ୟ ନ ମାନି ଦୁର୍ଭାଗ୍ୟ ମଣିଥିଲେ । ବାପା ଓ ଜଜା ମାନଙ୍କି ଏ ବିବାହରେ ସମ୍ମତ ହୋଇଥିବାରୁ ତାଙ୍କୁ ଯେଉଁ ଧିକ୍‌କାର କରିଥିଲେ, ତା' ଏ ବତିରେଖା ଏତିହାସିକମାନେ କାଳିଁ କୋଉ ଲେଖିଲେ ବିରୋଧ ଦୁର୍ଭାଗ୍ୟ ଆକ୍ରମଣ ଓ ତା'ର ପତନ ପରେ, ଗଡ଼ମାଧ୍ୟମ ରାଜପ୍ରାସାଦରେ ନିର୍ମିତ ଅଗ୍ନିକୁଣ୍ଡରେ ଶରଣାଗ ରାଜପୁତ ଯୁବତୀ ଓ ରମଣୀ ଯେପରି ନିଜାଁକୁ ଡେଇଁ ପ୍ରାଣପାତ କରିଥିଲେ, ଇତିହାସରେ ତା'ର ଆଉ ଉଦାହରଣ ଜାଳିଁ ସେଦିନ ପ୍ରାସାଦ ଶୀର୍ଷରୁ ଡେଇଁ ନାଳ ଆକାଶକୁ ବିଶ୍ୱାସରେ ଜାଳିମାରେ ଜଳା କରିଦେଇଥିବା ଏ ଧୂମକୁଣ୍ଡଳିକୁ ଦୂର୍ଗ ବାହାରୁ ଦେଖି ମୋଗଲ ଅଧିପତି ଓ ସେନା ତ୍ରସ୍ତ ଚକିତ ହୋଇଯାଇଥିଲେ ।

ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷଲଷ୍ଟ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି । ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିତ୍ତ ଏମଡିବିଏସ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କ ଆଉ ସମ୍ଭବତଃ ବେଶି ପରିଶ୍ରମ କୀ ଅଧ୍ୟବସାୟ କରିବା ପାଇଁ ପଡ଼ିବନାହିଁ । ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ-ପିଜି କୁହାଯାଇଛି ସେଥିରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ୍ୟ ନମ୍ବର ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି । ନିଜରଟେର ଏଇଟି ଏକ ପ୍ରସନ୍ନ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ତ ତର୍କ ଆଲୋଚନାର ଢେଉ ସୃଷ୍ଟି କରିଛି । କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମ୍ପନ୍ନ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମଡିବିଏସ ପାଇଁ ନିଟ ସୃଷ୍ଟି ଏବଂ ଏଥିରେ ଚାଳିଶ ନମ୍ବର ରଖିବା ପାଇଁ ନିଟ ପିଜି ପ୍ରତିନିଧି ଅଛି । ଏହି ପ୍ରକ୍ରିୟା ପରୀକ୍ଷାର ପଦ୍ଧତିପର ଆଧାରରେ ମାନ୍ୟତାପ୍ରାପ୍ତ ମେଡିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି । ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ । ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଖଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ । ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳବର୍ଗାମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜପୁତନର କୋଟାରେ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା, ପ୍ରତିଯୋଗିତା ଓ ମାନ୍ତ୍ରିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି । କିନ୍ତୁ ସର୍ବତମ ନିଟ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦବେଗଜନକ । ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (-୪୦) ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ଖେଳାଳିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି । ଏହି ଧାରା ପୂର୍ବବର୍ତ୍ତୀ ମାନଙ୍କୁ ଲାଗି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି ।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପିଜି ସିଟ ସଂଖ୍ୟା ଯୋଡ଼ା ଯାଇଥିବେ ମଧ୍ୟ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ପୂରାଇବ ନିର୍ଦ୍ଦିଷ୍ଟ ନମ୍ବର ରଖିପାରେ ଦୂର ହୋଇଗଲେଣି । ତେଣୁ ସମସ୍ତ ପିଜି ସିଟ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏହାର ଫଳସ୍ୱରୂପ ଚାଳିଶ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ତିନତ ବର୍ଷ କଟଅପ ମାର୍କ ବିଯୁକ୍ତ ୪୦ରୁ ଖସି ଆସିଛି । ବିଶେଷଜ୍ଞ ଦେବାକୁ ଯାଉଥିବା ବିଶେଷଜ୍ଞରେ ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁଦ୍ଧା । ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିତ ପଡ଼ିବ ।

ଏହା ବେଶ ଭଲଭାବେ ଜଣାଯାଏ ଭାରତରେ ଯେତିକି ସଂଖ୍ୟାରେ ମେଡିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଡୁଥିବା ଭିତ୍ତିଭୂମି, ଅଧ୍ୟାପକ ପାରା ମେଡିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି । ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାଜ୍ଞିକାଳ ଦେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି । ସଂଖ୍ୟା ସୃଷ୍ଟିରୁ ଦେଖୁଛେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟାତ ବଢ଼ୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ନିଟ-ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ ।

ଏଠାରେ ଏକ ସ୍ପଷ୍ଟ ପ୍ରଶ୍ନ ଲାଟୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ ପିଜିରେ ଦେବେନ ଶତପ୍ରତିଶତ ନିଷ୍ଫିଳ ଥିବା ବୁଦ୍ଧ ଚାରୋଟି ଉତର ଲେଖି ଦେଇ ଛିଡ଼ା ଆଦୌ ଉତର ନ ଲେଖି ଖାଲି ଦେଇ ଚାଳିଆସିବାର ସମ୍ଭାବନାଯେ ସୃଷ୍ଟି ନ ହେବ ତାହା କିଏ କହିବ ? କାରଣ ଯେଉଁଠି ଜଟଅପ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଇଛି ସେଠାରେ ୧୨/୧୬ ନମ୍ବର ଛିଡ଼ା ଶୂନ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ । ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାକୁ ବର୍ଜିତ ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟଅପ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପାଢ଼ିକାଳ କିମ୍ବା ବିନା ଶିକ୍ଷକରେ ଉତୀର୍ଣ୍ଣ ହୋଇଯିବା ଆମ ଏମଡିବିଏସ ଡିଗ୍ରୀଧାରୀ ମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ । ପୁଣି ଏହି ପରମ୍ପରା ଯଦି ଏମଡିବିଏସ ପାଠ୍ୟକ୍ରମ ବା ନିଟପିଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଉଚ୍ଚସ୍ତରର ଡାକ୍ତର ମାନଙ୍କର ଘୋର ଅବିଶ୍ୱାସ ଦେଖା ଦେବ । ଏହାର ପରିଣାମ ଯେ ଭୟଙ୍କର ହେବ ତାହା ଅନୁମେୟ । ଏକ ପ୍ରସନ୍ନରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଜିଁ ନିଜକୁ ଉଚ୍ଚ ଡାକ୍ତର ମାନଙ୍କର ଘୋର ଅବିଶ୍ୱାସ ଦେଖିବାର ଭାଗ୍ୟ ସେଠାକୁ ଟେକୁଥିବେ ।

ପ୍ରତିଭାନ୍ୱିତ ଓ ଅଦ୍ୟତନପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ଆପଣଙ୍କ କଷ୍ଟକୁ ଭାଗୁଆଳି କରନ୍ତୁ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

କଷ୍ଟ ? କେଉଁ କଷ୍ଟ କଥା ମୁଁ କହୁଛି ? ସେ କଷ୍ଟ ହେଉଛି ମଙ୍ଗଳ ଗ୍ରହର କଷ୍ଟ, ଯାହା ଯାଗୁଁ ଜନୁ ଜାତକରେ ଆସୁଛି ମଙ୍ଗଳର ଉତ୍ପାତ, ମାଙ୍ଗଳିକ ଦୋଷ । ଏହା ଜାତକରେ ଲଗ୍ନ, ଚନ୍ଦ୍ର, ଶୁକ୍ର, ସ୍ତିତପ୍ରାଳରୁ ୧୨ମ, ୨ୟ, ୪ର୍ଥ, ୭ମ, ୮ମ, ୧୨ଶ, ସ୍ତ୍ରକରେ ଯଦି ମଙ୍ଗଳ ରହିବା ଜଣାପଡ଼ୁଛି ତେବେ ମଙ୍ଗଳ ଦୋଷ ହେଉଛି । ଏହା ଅତି କଷ୍ଟପ୍ରଦ ଯେଉଁବେଳେ ଏହାର ଦଶା, ଅନ୍ତର ଦଶା, ପ୍ରତ୍ୟାନ୍ତର ଦଶା ଭୋଗ କାଳରେ ପୁଣି ଏହାର ନକ୍ଷତ୍ର ୫, ୧୪, ୨୩ରେ ରବିସ୍ଥ ଗ୍ରହର ବଶାବି ଭୋଗ କାଳରେ ମଙ୍ଗଳର କଷ୍ଟ ବାହୁଲ୍ୟ ଜୀବନରେ ଆସେ । ଷଡ଼ ରିପୁରେ ମଙ୍ଗଳଙ୍କ ପ୍ରୋଧରେ ଅଧିକାର ଅଛି । କ୍ରୋଧ ଅଥମର ବଳୁ । ଫଳରେ ଜଣଙ୍କ ପାଖରୁ ଜଣକ ସମ୍ପର୍କ ଛାଡ଼ିବା ହୋଇଯାଏ ବା ପରେ । ଯଦି କେହି ସୌର ମଣ୍ଡଳର ଗ୍ରହ ଜୁମକୁ ଅନୁଧ୍ୟାନ କରନ୍ତି ନିଶ୍ଚେ ଦେଖୁଛେ ପୁଷ୍ପବୀର କ୍ରମରୁ ଏକ ପଟରେ ଶୁକ୍ର ଅନ୍ୟ ପଟରେ ମଙ୍ଗଳ ଚନ୍ଦ୍ର ଲଗାଳଚାଳିଛନ୍ତି ଏହା ସହ ପୃଥିବୀ ବି ଚନ୍ଦ୍ର ଲଗାଗାଛି । ଏ ସମସ୍ତ ପୁର୍ଯ୍ୟାଙ୍କୁ ଚନ୍ଦ୍ରକାନ୍ତି ଛମକ କରୁଛନ୍ତି । ନିଶ୍ଚିଣ୍ଟ ଦୂରରେ ରହିଲେ ବି ଚନ୍ଦ୍ରକୁମାରର ଗତି କାହାରି କାହା ସହ ମେଳ ନାହିଁ । ଏହା ମଧ୍ୟରେ ପୃଥିବୀରୁ ଚନ୍ଦ୍ର ଚନ୍ଦ୍ର କାଟୁଛନ୍ତି, ଚନ୍ଦ୍ର ଜାତିବା ଅର୍ଥ ୩୬୦ ଅଂଶର ଏକ ବୃତକୁ ତାଙ୍କ ଗତିପଥରେ ଘୁରିବା ପରିକ୍ରମା ହେଉଛି । ପ୍ରତି ଗ୍ରହକୁ ପଳିକାରେ ଗଣିତରେ ଧାର୍ଯ୍ୟକୁ ଦେଖି ସେହି ୩୬୦ ଅଂଶକୁ ନେଇ ଏକ ଛୋଟିଆ ଚକ୍ରରେ ସୌରମଣ୍ଡଳର ଗ୍ରହ ମାନଙ୍କୁ ବସା ଯାଇଥାଏ । ଚନ୍ଦ୍ରଟିକୁ ସମାନ ଚାର ଭାଗରେ ବିଭକ୍ତ କରାଯାଇଥାଏ ଏକ ଭାଗ ୩୦ ଅଂଶ । ପ୍ରତ୍ୟେକ ଗ୍ରହ ଓ ଚନ୍ଦ୍ରଙ୍କ ସୂର୍ଯ୍ୟାଙ୍କ ପରିକ୍ରମଣରେ ଏହି ଗୋଲର କେଉଁ ଅଂଶରେ ରଶିତ ଦୃଷ୍ଟେ ଅଛନ୍ତି ତାହା ଧରାଯାଇ ଅନେକ ଚକ୍ର ଲିନ୍ଦୁ ଜାତକରି ଏହି ଚକ୍ରରେ ତାର ଧାରଣା କରାଯାଇଛି । ଏହା ହିଁ ରାଶି ଚକ୍ର । ଏହାର ୧୨ଅର ରାଶି ମଧ୍ୟରେ କଡ଼ିତ ୨୭ଅର ନକ୍ଷତ୍ର । ଏଇଥିରେ ପୁର୍ଯ୍ୟର୍ଣ୍ଣ ନାମ ନାହିଁ । ଯେଉଁ ଭୂତୀକ ଲିନ୍ଦୁ ନାମ ରଚି ଲେଖା 'ରା' ସଂଖ୍ୟିପ୍ତରେ ଲେଖା ଅଛି ତାର ୧୮୦ ଅଂଶ ବୃତ ଏଗାଶି ବୃତରେ ପୁର୍ଯ୍ୟ ବର୍ଦ୍ଧ ଚରିଶା । ପୁର୍ଯ୍ୟ ଏହା ପୂର୍ବ ଦିଗରେ ଦେଖାଯାନ୍ତି । ପ୍ରତିମାସ ଆରମ୍ଭରୁ ଏକ ସୌର ସମ୍ବନ୍ଧ ଉଦୟ ବେଳେ ଲଗ୍ନରେ ରବି, ଅସ୍ତରେ ଠିକ ତାର ୭ମ ରାଶିରେ ଗତି କରନ୍ତି । ଭାରତ ପୂର୍ବପଟ ଆମେରିକା, ପଶ୍ଚିମ ପଟ ୧୨ ଘଣ୍ଟା ପରେ ଏ ପାଖ ସେ ପାଖ ସୂର୍ଯ୍ୟ ରହୁଛନ୍ତି ସୂର୍ଯ୍ୟାଙ୍କ ଆହ୍ନିକ ଗତି ପାଇଁ ଏପରି ନିତ୍ୟ ହେଉଛି ୩୬୦ ଅଂଶକୁ ଆବର୍ତ୍ତମାନ କାଳ ୨୪ ଘଣ୍ଟା ହେଲେ ୧ ଅଂଶକୁ ୪ ମିନିଟ ହେଉଛି । ୧ ରାଶି ୩୦ ଅଂଶକୁ ୨ ଘଣ୍ଟା ହାରାହାରି ଲାଗୁଛି । ଏଥିପାଇଁ ଏକମାତ୍ର ୨ ଘଣ୍ଟା ଭୋଗରେ ମୋଟାମୋଟି ଧରାଯାଏ । ଏହି ଲଗ୍ନରୁ ୧, ୨, ୪, ୭, ୮, ୧୨ ଘରେ ମଙ୍ଗଳ ରହିବା ଦୋଷାବହ । ଏହି ମଙ୍ଗଳର ଶାନ୍ତି କର୍ମକାଣ୍ଡରେ ପୂଜାଦାନ ହୋମ ଜପ ଆଦିର ବିଧାନ ଅଛି । ମାତ୍ର ଏସବୁ ବିନା ଚେତନା ମନୋଭାବ ପରିବର୍ତ୍ତନରେ ଖଣ୍ଡନ ହୋଇପାରେ । ଏଥିପାଇଁ କିଛି ଅନ୍ୟ ଶସ୍ତ୍ର ବାଳ, ଗୁରୁଙ୍କ ଜପଦେଶ ମାନିନେଲେ ଜଟିଳ ସରଳ ହୋଇଥାଏ । ବାଳରେ ବାପାମା ରୋଜଗାର ଖର୍ଚ୍ଚ କରି ପୂଜାକାଳେ ଓ ତତ୍ ଦୋଷର ରଙ୍ଗ କାରଣ ମହତ୍ତାଙ୍କରେ ପୂଜାଦିକ କେବେ ମ

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଅଷ୍ଟଶମ୍ଭୁ କରିଡର ପାଇଁ ଭିତି ପ୍ରସ୍ତର ସ୍ଥାପନ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ନିଆଳି, ୦୪/୦୨ (ଆ.ପ୍ର) : କଟକ ଜିଲ୍ଲା ନିଆଳି ତଥା ପୃଷ୍ଠପରୟା ପ୍ରାଚୀ ତଟରେ ଅବସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ବିକାଶ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଖର୍ଚ୍ଚ କରିବ ୨୪ କୋଟି ଟଙ୍କା । ଆଜି ନିଆଳି ଅତିନ୍ଦ୍ରା ପଡିଆରେ ଆୟୋଜିତ ଭିତି ପ୍ରସ୍ତର କାର୍ଯ୍ୟକ୍ରମ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଆନୁଷ୍ଠାନିକ ଭାବରେ ରିମୋଟ ମାଧ୍ୟମରେ ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି । ଅଷ୍ଟଶମ୍ଭୁ ମନ୍ଦିରର ପୁନଃଗୁଣ୍ଠାର ଉଦ୍ଧାର ହେଲେ ନିଆଳି ତାର ପୁନଃ ଇତିହାସ ଫେରି ପାଇବା ସହିତ ନିଆଳି ଅଂଚଳକୁ ପର୍ଯ୍ୟଟକଙ୍କ ପ୍ରବେଶ ହେବ । ସେପରେ ନିଆଳିର ଫୁଲୁରା ଗୋଷ୍ଠୀ ଆନୁପସ୍ଥିତି ଥିବା ଦେଖିବାକୁ ମିଳିଥିଲା । ଭିତି ପ୍ରସ୍ତର ସ୍ଥାପନ ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି '' ପ୍ରାଚୀ କୂଳରେ ଥିବା ସମସ୍ତ ଶମ୍ଭୁ, ମାଧବ ଓ ସମସ୍ତ ଶକ୍ତିକୁ ଯୋଡି ଆମେ ଗୋଟିଏ ଅଷ୍ଟଶମ୍ଭୁ ଝିଟିରିଯୁକ୍ତାଳ କରିବର କରିଛୁ । ପ୍ରାଚୀ କୂଳରେ ଅନେକ ମଠ ଅଛି ତାର ଜାତୀ ଆମ ପାଖକୁ ଆସିଲେ ପ୍ରାଚୀ କୂଳରେ ମହାନିନିଶା ମାଙ୍କେ ଆମରେ ରହି ତପସ୍ୟ ସାଧନା କରୁଥିଲେ । ସେଇଥିପାଇଁ ଅନ୍ଧ କପଳେଶ୍ୱର ଠାରୁ ମୁକ୍ତେଶ୍ୱର ପର୍ଯ୍ୟନ୍ତ ଆମ କରିଡର ଅଛି ଗୋଟିଏ ପଟେ ତପସ୍ୟା ଆଉ ଗୋଟିଏ ପଟେ ମୁକ୍ତି, ତେଣୁ ଏ କ୍ଷେତ୍ର ହେଉଛି ପ୍ରାଚୀ କ୍ଷେତ୍ର । ଆମ ସରକାର ଏହାକୁ ପ୍ରାଧାନ୍ୟ ଦେଇ ଏକ ଶମ୍ଭୁଙ୍କ କରିଡର କରାଯାଇଛି । ଏଠିକି ପର୍ଯ୍ୟଟକ ଆସିବେ ଗବେଷକ ମାନେ ଆସିବେ ପ୍ରାଚୀ ଉପତ୍ୟକାରେ ବିଷୟରେ ପାଠ ପଢିବା ପାଇଁ ଯୁବ ଗୋଷ୍ଠୀ ଆସିବେ । ଇତିହାସରେ ରୁଚି ରଖିଥିବା ଲୋକମାନେ ଆସିବେ, ଏହା ଆରମ୍ଭ ମାତ୍ର ଆଗକୁ ଆମେ ବଢେଇବୁ । ପ୍ରାଚୀ ଖନନ ହେବ ପ୍ରାଚୀର ବିକାଶ ହେବ ଅଷ୍ଟଶମ୍ଭୁଙ୍କ ଲାଷ୍ଟରପିଟନ ସେଂଟର ନିର୍ମାଣ ହେବ । ପର୍ଯ୍ୟଟନ ସ୍ଥଳ ପାଇଁ ଯେତେ ଟଙ୍କା ଖର୍ଚ୍ଚ ହେବ ଆମ ପର୍ଯ୍ୟଟନ ବିଭାଗ ଖର୍ଚ୍ଚ କରିବ । ଆମେ ଯେଉଁ ଅଷ୍ଟଶମ୍ଭୁଙ୍କ ପାଇଁ ୨୪ କୋଟି ଟଙ୍କା ବ୍ୟୟ ବରାଦ କରିଛୁ ଏହା ବିକାଶ କ୍ଷେତ୍ରରେ ଆଗକୁ ନେବ । ନିଆଳି ବିଧାୟକ ଛବି ମଲ୍ଲିକ କହିଛନ୍ତି ' ଆମ ପ୍ରିୟ ଉପ ମୁଖ୍ୟମନ୍ତ୍ରୀ ତାଙ୍କ ପାଖରେ ପର୍ଯ୍ୟଟନ ବିଭାଗ ଥିବାରୁ ଆମ ସରକାରଙ୍କ ଇଚ୍ଛାଶକ୍ତି ଓ ସମସ୍ତଙ୍କ ସହଯୋଗରେ ମୁଁ ଆଉ ଆମ ଅଞ୍ଚଳ ୨୪ କୋଟି ଟଙ୍କା ଯେଉଁ ପ୍ରୋଜେକ୍ଟ ଆରମ୍ଭ ହୋଇଛି ଆମ ନିଆଳି ଅଂଚଳର ଗୋଟିଏ ଆଧାତ୍ମିକ ଅଂଚଳ ରୂପେ ପରିଚୟ ସୃଷ୍ଟି ହେବ ।

ନାବାଳିକାକୁ ଅପହରଣ ଘଟଣା ଗିରଫ ହେଲେ ଦୁଇ ଯୁବକ

ବୃତୁଡିବନ୍ଧ, ୦୪/୦୨ (ଆ.ପ୍ର) : ଗତ ଦୁଇ ତାରିଖରେ ୧୪ ବର୍ଷୀୟ ନାବାଳିକା ଝିଅକୁ ଗାଡୋଇକରା ବୃତୁଡ଼ୁ ଉଠାଇ ନେଇଥିଲେ ଦୁଇ ଯୁବକ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବେଲଘର ଥାନା ଅନ୍ତର୍ଗତ ଝିଗିପାଣି ଗ୍ରାମର ନାବାଳିକା ଝିଅଟିଏ ଗାଡୋଇକରା ପାଇଁ ଯାଇ ପୋଷାକ ପିନ୍ଧିବା ସମୟରେ ଛପି ରହିଥିବା ଦୁଇ ଯୁବକ ନାବାଳିକାର ପାଟିରେ ହାତ ପୋଛା ପାଖ ଜଙ୍ଗଲକୁ ନେଇ ବଳାତ୍କାର କରିବାକୁ ଉଦ୍ୟମ କରିବା ଏବଂ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ କୁହୁ ଝିଅ ମନା କରିବାରୁ ଝିଅର ଶରୀରରୁ ମୋବାଇଲ ଯୋରେ ଭିଡିଓ ଉତ୍ତନ କରି ଶାରୀରିକ ସମ୍ପର୍କ ନ ରଖିଲେ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେବା ସହ ଝିଅକୁ ବାଉଦେଇ ଜଙ୍ଗଲରେ ହାତ ବାନ୍ଧି ଛାଡ଼ି ଦେଇଥିବା ପାଡ଼ିତାଙ୍କ ବାପା ଏବଂ ପାଡ଼ିତା ବେଲଘର ଥାନାରେ ଏତଲା ଦେଇଥିବା ଦେଖିବାକୁ ମିଳିଥିଲା । ବେଲଘର ଥାନା ଅଧିକାରୀ ଘଟଣାର ତଦନ୍ତ କରି ଜଣେ ଯୁବକକୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ବେଳେ ଅନ୍ୟ ଏକ ଯୁବକ ଫେରାର ଥିଲେ । ଫେରାର ଥିବା ଯୁବକକୁ ବେଳଘର ପୋଲିସ ଗିରଫ କରି କେସ ନମ୍ବର ୧୦/୨୦୨୬ ରୁଜୁ କରି ପଚରା ଉଚରା ପରେ ବୃତୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡାକ୍ତରୀ ମାଇନା ନିମନ୍ତେ ନେଇଥିବା ଦେଖିବାକୁ ମିଳିଥିଲା ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ ହେବ ବୋଲି ସୂଚନା ଦେଇଛନ୍ତି ବେଳଘର ପୋଲିସ । ଉଭୟ ଯୁବକଙ୍କ ବୟସ କୋଡିଏରୁ ଏକୁସି ହେବ ବୋଲି ଜଣା ପଡିଛି । ଘଟଣା ବାବଦରେ ବାଲିଗୁଡା ଏସଡିପିଓ ପ୍ରେସ ମିଟ କରିସୂଚନା ଦେଇଥିବା ଦେଖିବାକୁ ମିଳିଛି ।

ହଜିଯାଉଛି ସିନାପାଲିର ପରିଚୟ: ସାପ୍ତାହିକ ବୁଧବାର ବଜାର

ସିନାପାଲି, ୦୪/୦୨ (ଆ.ପ୍ର) : ନୂଆପଡା ଜିଲ୍ଲାର ସିନାପାଲି ଅଂଚଳ ଏକ ସମୟରେ ତାହାର ସାପ୍ତାହିକ ବୁଧବାର ବଜାର ପାଇଁ ପରିଚିତ ଥିଲା । ପ୍ରତେକ ବୁଧବାର ଗାଁ-ଗାଁରୁ ଚାଷୀ, ବେପାରୀ ଓ ସାଧାରଣ ଲୋକଙ୍କ ଭିଡ଼ରେ ସିନାପାଲି ଜୀବନ୍ତ ହୋଇଉଠୁଥିଲା । ଏହି ବଜାର କେବଳ ବେପାର ବଣିଜ୍ୟର କେନ୍ଦ୍ର ନୁହେଁ, ବରଂ ଗ୍ରାମୀଣ ଅର୍ଥନୀତି, ସାମାଜିକ ସମ୍ପର୍କ ଓ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା । ସେ ସମୟରେ ଚାଷୀମାନେ ନିଜ ଖେତରୁ ଉତ୍ପାଦିତ ସବଜି ପନିପରିବା, ଧାନ, ଡାଲି ଓ ଶାଉଦ୍ଧି ବଜାରକୁ ଆଣି ବିଧାପନ୍ନ ଭାବେ ବିକ୍ରି କରୁଥିଲେ । ଗୃହସ୍ଥମାନେ ମଧ୍ୟ ଏକ ଦିନରେ ଘରକରଣି ସହ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ସହଜରେ ପାଇଯାଉଥିଲେ । ଅନେକଙ୍କ ପାଇଁ ବୁଧବାର ବଜାର ଥିଲା ଆୟ, ଆଶା ଓ ଜୀବିକାର ମୁଖ୍ୟ ଆଧାର । କିନ୍ତୁ ସମୟ ସହିତ ସିନାପାଲିର ଏହି ପରିଚୟ ଧୀରେଧୀରେ ହଜିଯାଉଛି । ଆଜି ବୁଧବାର ବଜାର କେବଳ ସ୍ମୃତିରେ ସୀମିତ ହୋଇ ରହିଯାଇଛି । ବଜାର ବ୍ୟବସ୍ଥା ନଥିବାରୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀମାନେ—ଉତ୍ପାଦର ଯଥୋଚିତ ଦାମ ମିଳୁନଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ଅସ୍ଥିର ହେଉଛି । ପ୍ରଶାସନ ପକ୍ଷରୁ ସିନାପାଲିରେ ଗୋଟିଏ ଢେଲି ମାର୍କେଟ କେମ୍ପାସ ନିର୍ମାଣ ହୋଇଥିବା ସତ୍ତ୍ୱେ, ସେହି କେମ୍ପାସ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ କାର୍ଯ୍ୟକର ହୋଇପାରିନି । ଫଳସ୍ୱରୂପ ଅଧିକାଂଶ ବେପାରୀ ବିଜୁ ଏକ୍ସପ୍ରେସୱେ ନିକଟ ଗୋଳାଳ ଛକ ରାସ୍ତା କଡ଼ରେ ବସି ବେପାର କରୁଛନ୍ତି । ରାସ୍ତା କଡ଼ରେ ଏଭଳି ଅବ୍ୟବସ୍ଥିତ ବେପାର କାରଣରୁ ନିୟମିତ ଭାବେ ଯାନଜଟ ସୃଷ୍ଟି ହେଉଛି । ଛୋଟ-ବଡ଼ ଦୁର୍ଘଟଣା ଘଟୁଥିବା ସହ କିଛି ଘଟଣାରେ ମୂଲ୍ୟବାନ ଜୀବନ ମଧ୍ୟ ନଷ୍ଟ ହୋଇସାରିଛି । ଏହା କେବଳ ପ୍ରଶାସନିକ ଅବହେଳା ନୁହେଁ, ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ଗଭୀର ଅବହେଳାକୁ ସୂଚିତ କରୁଛି । ଢେଲି ମାର୍କେଟ କେମ୍ପାସ ତିଆରି କରି ଦେଇ ଦାୟିତ୍ୱ ସମାପ୍ତ ହୋଇଯାଏ ନାହିଁ । ବେପାରୀମାନଙ୍କୁ ସେଠାରେ ବସି ବେପାର କରିବାକୁ ପ୍ରେରିତ କରିବା ସହ ଆବଶ୍ୟକ ହେଲେ ଜଳ ପ୍ରଶାସନିକ ପଦକ୍ଷେପ ନେବା ଅତ୍ୟାବଶ୍ୟକ । ସିନାପାଲିର ସାପ୍ତାହିକ ବୁଧବାର ବଜାର ପୁନଃଜୀବନ ପାଇଲେ ଚାଷୀ, ବେପାରୀ ଓ ସାଧାରଣ ଲୋକ—ସମସ୍ତେ ଲାଭାନ୍ୱିତ ହେବେ । ସହିତେ ସଡ଼କ ସୁରକ୍ଷା ମଧ୍ୟ ନିଶ୍ଚିତ ହେବ । ନଚେତ୍, ସିନାପାଲିର ଏକ ଗର୍ବର ପରମ୍ପରା କେବଳ ଇତିହାସର ପୃଷ୍ଠାରେ ସୀମିତ ହୋଇ ରହିଯିବ ।

ଦୋକାନ ସିଲ୍ କରିବା ଘଟଣାକୁ ବେଆଇନ କହିଲେ ୱାକଫ୍ ଟ୍ରିବ୍ୟୁନାଲ

ଝାଜପୁର, ୦୪/୦୨ (ଆ.ପ୍ର) : କିଛି ଦିନ ତଳେ ଝାଜପୁର ସହର ର ଜଲେଶ୍ୱର ଅଫିସ ସାମ୍ନାରେ ଥିବା ବଜାରି ବାବା ମାର୍କେଟ କମ୍ପ୍ଲେକ୍ସର ସମସ୍ତ ଦୋକାନୀ କୁ ୱାକଫ ବୋର୍ଡ ପକ୍ଷରୁ ତହସିଲଦାର ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ସିଲ୍ କରାଯାଇଥିଲା । ଆଜି ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସିଲ୍ କରାଯାଇଥିବା ସମସ୍ତ ଦୋକାନ ଆଜି ଖୋଲି ଥିବା ବେଳେ ଦୋକାନ ଭାଇମାନଙ୍କ ମୁହଁରେ ଖୁସି ଦେଖିବାକୁ ମିଳିଥିଲା । ବେଆଇନ୍ ଭାବେ ୱାକଫ ବୋର୍ଡ ବିଚାର ମାମଲା ବୋର୍ଡ ପକ୍ଷରୁ ଦୋକାନ ସିଲ୍ କରିବା ଘଟଣାକୁ ବେଆଇନ କହିଲା ୱାକଫ୍ ଟ୍ରିବ୍ୟୁନାଲ । ବାବା ବଖାରିଙ୍କ ମାରଫତଦାର ସେକ୍ ନବାବୁଲଙ୍କ ପୂର୍ବପୁରୁଷଙ୍କ ସମୟରୁ ସେମାନେ ବାବା ବଖାରିଙ୍କ ସମସ୍ତ ଦାୟିତ୍ୱ ନେଇଥିବା ସେକ୍ ନବାବୁଲ କହିଛନ୍ତି । ସେକ୍ ନବାବୁଲଙ୍କ କହିବା ଅନୁସାରେ ୧୯୭୦ ମସିହା ଠାରୁ ଆଜି ପର୍ଯ୍ୟନ୍ତ ୱାକଫ ବୋର୍ଡ ପକ୍ଷରୁ କୌଣସି ସହାୟତା ବାବା ବଖାରିଙ୍କୁ ମିଳୁନଥିବା ବେଳେ ଅଚାନକ ଆସି ସମସ୍ତ ଦୋକାନ ବନ୍ଦ କରିବା ସମ୍ପূର୍ଣ୍ଣ ବେଆଇନ୍ । ଏହା ଦ୍ୱାରା ଦୋକାନୀ ଭାଇମାନଙ୍କର ବହୁ ଖାଦ୍ୟ ପଦାର୍ଥ ନଷ୍ଟ ହେବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକର ଏହପାରି ହୋଇଯାଇଛି । ଏହାର କ୍ଷତିପୂରଣ କିଏ ଦେବ । ଶେଷରେ ଧର୍ମର ଜୟ ହୋଇଥିବା ମାରଫତଦାର ସେକ୍ ନବାବୁଲ କହିଛନ୍ତି ।

ରାୟଗଡ଼ା ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ରାୟଗଡ଼ା, ୦୪/୦୨ (ଆ.ପ୍ର) : ରାୟଗଡ଼ ସହରସ୍ଥିତ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରି ଭଜନ ଲାଲ୍ ମାଝି, ସମ୍ମାନିତ ଅତିଥି ଭାବେ ପିଏମ୍ ଜିସିଡି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ପ୍ରଧାନ,ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ଲୋଇ, ବିଦ୍ୟାଳୟ ପରିଚାଳନା ସଭାପତି ରାଧାକାନ୍ତ ପାଢ଼ୀ, ଟଂଚସଭା ଶିକ୍ଷା ସେତୁ ସଭାପତି ସ୍ନେହମୟୀ ମହାନ୍ତି ମଂଚାସିନ ଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଲୋଇ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତିତ୍ୱ ଛାତ୍ରୀ ମାନଙ୍କୁ ପ୍ରାୟ ୧୫ ଠଗୋଟି ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ସମାଜରେ ଭଲ୍ଲେଖନୀୟ ଅବଦାନ ପାଇଁ ରାୟଗଡ ଜିଲ୍ଲା କଳାଳୟ ମହାସଂଘର ଯୁଗ୍ମ ସମ୍ପାଦକ ଇ. ଗୌରୀ ସଙ୍କର ରାଓ ,ଏବଂ ବିଶେଷ ସାମ୍ବାଦିକ ଗୋପିନାଥ ଗୌଡ଼ଙ୍କୁ ମଂଚ ଉପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ମାନେ ବିଦ୍ୟାଳୟର ଛାତ୍ରୀ ମାନଙ୍କୁ କଠିନ ପରିଶ୍ରମ, ସମୟର ସଦୁପଯୋଗ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ବାପା ମା'ଙ୍କ କଥାମାନି ମନଖାଇ ବେଶ ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ । ଏବଂ ଜୀବନରେ ସମାଜ ପାଇଁ କିଛି କରିବା ସହ ନିଜ ପରିବାର ଓ ଅଂଚଳର ନାମ ରଖିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ । ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପୂରା ମିଶ୍ର ପରିଚାଳନା କରିଥିଲେ । ମଂଚ ପରିଚାଳନା କରିଥିଲେ ସମ୍ପୂରା ମିଶ୍ର, ସିମାଂଚଳ ରାଜତ ଦ୍ୱିତୀୟ ଅଧ୍ୟବେଶନରେ ମୁଖ୍ୟ ଅତିଥି ଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା ରାୟଗଡା ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ପୂରା ଦେବେଶା, ସଭାପତି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ଲୋଇ, ପ୍ରଧାନ ଶିକ୍ଷକ ବିନୋଦ ମହାନ୍ତି ଉପସ୍ଥିତ ରହିଥିଲେ ।

ସୀନାପାଲି ସୀମାନ୍ତ ଜଙ୍ଗଲରେ ବାଘ, ସନ୍ଧ୍ୟା ପରେ ଲୋକେ ଘରେ ବନ୍ଦ

ସିନାପାଲି, ୦୪/୦୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଛତିଶଗଡ଼ ସୀମାନ୍ତ ଅଂଚଳରେ ବାଘ ଘୁଲୁଥିବା ଖବର ମିଳିବା ପରେ ସ୍ଥାନୀୟ ଅଂଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି । ନୂଆପାଲପଡ଼ା ପଂଚାୟତର ବଣପାହାଡ଼ ଘେରା ଜଙ୍ଗଲଗାଁ ନିକଟରେ କିଛି ସ୍ଥାନୀୟ ଲୋକ ବାଘକୁ ଦେଖି ଭୟଭୀତ ଅବସ୍ଥାରେ ଦୌଡ଼ି ପଳାଇଥିବା ଜଣାପଡ଼ିଛି । ଭାକ୍ତ ଅଂଚଳ ଘନ ଜଙ୍ଗଲରେ ଘେରାଯାଇଥିବା ସହ ଛତିଶଗଡ଼ର ସୀତାନଦୀ ଅଭୟାରଣ୍ୟ ଅନ୍ତର୍ଗତ ଭବଗୀ ବ୍ୟାଘ୍ର ଅଭୟାରଣ୍ୟ ସହ ସଂଲଗ୍ନ ରହିଛି । ଏହା ସହ ଘାଟମାଳ ଓ ଜଙ୍ଗଲବୋର୍ଡ ପଂଚାୟତ ମଧ୍ୟ ସୀମାନ୍ତ ଅଂଚଳରେ ଅବସ୍ଥିତ ଓ ଗୁନାବେଡ଼ା ଅଭୟାରଣ୍ୟ ସହ ସଂଲଗ୍ନ ଥିବାରୁ ବନ୍ୟପ୍ରାଣୀ, ବିଶେଷକରି ବାଘ, ଯେଉଁଲୋକଶି ସମୟରେ ଗାଁ ଗଣ୍ଡାକୁ ପ୍ରବେଶ କରିବାର ଅନାବଶ୍ୟକ ଭୟଭୀତ ନ ହେବାକୁ ପରାମର୍ଶ ଦିଆଯାଇଛି । ତଥାପି, ପୂର୍ବରୁ ଜିଲ୍ଲାରେ ଘଟିଥିବା କିଛି ଅଘଟଣକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଅଧିକ ସତର୍କତା, ଗ୍ରାମବାସୀଙ୍କୁ ସଚେତନ କରିବା ଓ ରାତ୍ରିକାଳୀନ ପେଟ୍ରୋଲିଂ ବଢ଼ାଇବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

କୋଳଥ ଓ ଧାନ ଗଦାରେ ନିଆଁ

ଦଶପଲ୍ଲା, ୦୪/୦୨ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣିଗୋଛା ଘଟୋପାଡର କୁଟୀବାରୀ ଗ୍ରାମରେ ଧାନ ଗଦାରେ ନିଆଁ ଲାଗି ସମ୍ପୂର୍ଣ୍ଣ ଯୋଡି ଯାଇଥିବା ଜଣାପଡିଛି । ସୂଚନା ଅନୁସାରେ କୁଟୀବାରୀ ଗ୍ରାମର ଅଜୟ ଜଂହରାଙ୍କ ଧାନ ଗଦା ଓ କୋଳଥ ଗଦା ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି । ତତ ସହିତ ବନ୍ଦ ବୁଜରିର ଗୋଡ଼ ମଧ୍ୟ କିଛିଜାଗାରେ ପୋଡି ଯାଇଥିବା ଜଣାପଡିଛି । ଦମକଳ ବାହିନୀ ଘଟଣା ସ୍ଥଳରେ ପଂହଚି ନିଆଁକୁ ଲିଭାଇ ଥିଲେ । ତେବେ ନିଆଁ ଲାଗିବାର ସ୍ପଷ୍ଟ କାରଣ ଜଣାପଡ଼ିନାହିଁ ।

ଶୀତ ମହୋତ୍ସବ ତୁଷାର ୨୦୨୬ ଦ୍ୱିତୀୟ ସନ୍ଧ୍ୟା ଉନ୍ମୋଚିତ ହେଲା ମହୋତ୍ସବ ସ୍ମାରକ ପୁସ୍ତକ

ଜି.ଉଦୟଗିରି,୦୪/୦୨ (ଆ.ପ୍ର) :ଜି. ଉଦୟଗିରି ମିନି ଷ୍ଟାଡିୟମରେ ଆୟୋଜିତ ଶୀତ ମହୋତ୍ସବ ତୁଷାର ୨୦୨୬ ର ଦ୍ୱିତୀୟ ଦିନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲା ମହୋତ୍ସବ ପଡ଼ିଆ । ମହୋତ୍ସବ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସୁନାମଧନ୍ୟ କଣ୍ଠଶିଳ୍ପୀ ବର୍ଷାଳୀ ହୋତା ଓ ତାଙ୍କ ସଙ୍ଗୀତ ଦଳ, ଯାହାକି ମଧୁର ସଙ୍ଗୀତ ପରିବେଷଣରେ ଦର୍ଶକମାନେ ମନୋମୁଗ୍ଧ ହୋଇଯାଇଥିଲେ । ଏହି ଅବସରରେ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦ କୃଷ୍ଣଣ ଉପସ୍ଥିତ ଥିଲେ । ମୁଖ୍ୟ ବକ୍ତା ଭାବେ ଆରକ୍ଷୀ ଅଧିକ୍ଷକ ହରିଶ ବିଶି ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଭାନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଆଦିବାସୀ ଭାନ୍ନୟନ ସଂସ୍ଥା ବାଲିଗୁଡାର କୃପାସିନ୍ଧୁ ବେହେରା, ବିଡିଓ ତଥା ଶୀତ ମହୋତ୍ସବ ଅଧକ୍ଷ ସତ୍ୟ ନାରାୟନ ମିଶ୍ର, ତହସିଲଦାର ରଞ୍ଜନ କୁମାର ସାହୁ, ଶିଓ ଆଶୁତୋଷ ଗୌରବ କର, ପରିଷଦ ଅଧକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ ଓ ବ୍ଲକ ଉପାଧକ୍ଷ ଏନ ଲୁଇ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ମଂଚାସୀନ ଥିଲେ । ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମଂଚାସୀନ ଅତିଥିମାନଙ୍କୁ ଉପଢୌକନ ଓ ଫୁଲ ଗଛ ପ୍ରଦାନ କରି ସମ୍ମାନ କରାଯାଇଥିଲା । ଏହି ଅବସରରେ ଶୀତ ମହୋତ୍ସବ ତୁଷାର ୨୦୨୬ ସ୍ମାରକ ପୁସ୍ତକକୁ ମୁଖ୍ୟ ଓ ସମ୍ମାନିତ ଅତିଥିମାନଙ୍କ ହସ୍ତେ ଲୋକାର୍ପଣ କରାଯାଇଥିଲା । ସନ୍ଧ୍ୟାର ସାଂସ୍କୃତିକ ପର୍ବରେ ବର୍ଷାଳୀ ହୋତାଙ୍କ ଝୁମ୍ପୁର ଜଣ୍ଟ ସ୍ୱରରେ ଦର୍ଶକମାନେ ଝୁମି ଉଠିଥିଲେ । ହଳାର ହଳାର ଦର୍ଶକ ଉପସ୍ଥିତ ରହି ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ଯାତ୍ରା ମହୋତ୍ସବକୁ ଆହୁରି ଗଙ୍ଗାନ୍ତ କରିଥିଲା । ଘୁଣ୍ଟାଳ କୁମାର ସାହୁ ଓ ସାଥି ସୁତାରୁ ଭାବେ ମଂଚ ପରିଚାଳନା କରିଥିଲେ । ଅଧ୍ୟାପକ ଜମିଟିଙ୍କ ଗୁଡିକିତ ପ୍ରୟାସରେ

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

କୁଳଡିହାରେ ପୁଣି ୬ଶିକାରୀ ଗିରଫ, ମୋବାଇଲ୍ ଓ ମଟର ସାଇକେଲ ଉଦ୍ଧାର

ନୀଳଗିରି, ୦୪/୦୨ (ଆ.ପ୍ର) : କୁଳଡିହା ବନବିଭାଗ ଦ୍ୱାରା ବାରମ୍ବାର ତଢ଼ାଲ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ବାଦିକ ଆସିଛି । ଗତ ଜାନୁଆରୀ ୨୨ତାରିଖ ୧୭ରେ ୨୦୨୫/୨୬ଏପ୍ରିଲ ପର୍ଯ୍ୟନ୍ତ ରାଜ୍ୟରେ ୨ସପ୍ତାହ ମଧ୍ୟରେ ଆଜିସୁଦ୍ଧା ମୋଟ ୧୧ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି । ଆଜି ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ସହକାରୀ ଶିକ୍ଷକ ଥିବା ବନବିଭାଗ ସୂତ୍ରରୁ ଦେଇଛି । ସେମାନଙ୍କ ନିକଟରୁ ୧ଟିଟି ବନ୍ଦୁକଗୁଳି ଜବତ କରାଯାଇଛି । ତେବେ ଏହି ଅଭିଯୁକ୍ତ ମାନଙ୍କ ସହ ୩ଟି ମୋଟର ସାଇକେଲ ଜବତ କରାଯାଇଛି । ତେବେ ଏହି ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ସହକାରୀ ଶିକ୍ଷକ ଥିବା ବନବିଭାଗ ସୂତ୍ରରୁ ଦେଇଛି ।

ଆର ଭାଲିଆ ସାହି ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ପାରଳାଖେମୁଣ୍ଡି, ୦୪/୦୨ (ଆ.ପ୍ର) : ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ସୁବଳଦା ଗ୍ରାମପଂଚାୟତ ସ୍ଥିତ ରା.ଭାଲିଆସାହି ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୫-୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶବରଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରା.ଉଦୟଗିରି ପଂଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ମୁଖ୍ୟବକ୍ତା ଭାବେ ରାମଗିରି ସ୍ଥିତ ପିଏମଶ୍ରୀ ସରକାରୀ (ଏସ ଏସ ଡି) ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଜିବ କୁମାର ନାୟକ, ସମ୍ମାନିତ ଅତିଥିଭାବେ ୧୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଦଣ୍ଡପାଣି ବଡପୃଷ୍ଟି, ସମିତିସଭ୍ୟା ଗଙ୍ଗାଧରେ ରାଉତ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବଳାଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନମାଳୀ ଶବର ଓ ଆଖପାଖ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣ ପ୍ରମୁଖ ମଂଚାସୀନ ହୋଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ନୃତ୍ୟ ପରିବେଷଣ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ବିବରଣୀ ପଠନ କରାଯାଇଥିଲା । ଅତିଥୁଙ୍କ ଅଭିଭାଷଣ ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ୱାର୍ଡ ମେମ୍ବର ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ମେଡିକାଲ ଅଫିସର ଡାକ୍ତର ସ୍ୱାଗତ ପାଣ୍ଡିଗ୍ରାହୀ, ମେଡିକାଲ ଅଫିସର ଡାକ୍ତର ଶିବଶଙ୍କର ମହାପାତ୍ର, ସର୍ଜିକାଲ୍ ଓଙ୍କେଲଜୀ ଡାକ୍ତର ସାଲ ଜୁଡ୍ର ପୂଜାର, ଦୈନିକ ପ୍ରମେୟ ବ୍ରହ୍ମପୁର ର ଡି ଜୀ ଏମ ଅମ୍ବିକା ପ୍ରସାଦ ବାଣ, କ୍ରାନ୍ତି ଅନୁଷ୍ଠାନର ଡାକ୍ତର ଅନୁକୂଳ କୁମାର ପଟ୍ଟନାୟକ ଓ ଆଇ ଏସ ଆର୍ ଡି ର ନିର୍ଦ୍ଦେଶକ ସୁଧୀର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ । କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଦେବାନନ୍ଦ ବାଣଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଉକ୍ତ ସଚେତନତା ସଭା ଓ ବିଶାଳ ପଦଯାତ୍ରା ପରିଚାଳିତ ହୋଇଥିଲା । ସେ ଜଣେ ମୁଖ୍ୟ କର୍କଟ ରୋଗୀ ହୋଇଥିବା ଯୋଗୁଁ ସେ ଲୋକମାନଙ୍କୁ କହିଥିଲେ କର୍କଟ ରୋଗ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଠିକ୍ ସଚେତନ କଥିବାରୁ , ଏହି ରୋଗରେ ପୀଡିତ ମୃତ୍ୟୁ ସୁନିଶ୍ଚିତ ବୋଲି ଭାବି ଦିଅନ୍ତି ଏବଂ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି । କର୍କଟ ରୋଗର ଚିକିତ୍ସା ବର୍ତମାନ ସମୟରେ ଅତ୍ୟନ୍ତ ସହଜ ଓ ଉପଯୁକ୍ତ ଚିକିତ୍ସା ମିଳିଲେ ଏଥିରୁ ରୋଗୀ ବଂଚି ପାରିବ ।ସେ ଉପସ୍ଥିତି ସମସ୍ତଙ୍କୁ ନିବେଦନ କରି କହିଥିଲେ ଆସନ୍ତୁ ସମସ୍ତେ ମିଳିମିଶି ସଚେତନ କରିବା ଓ ଲାଗତରୁ କର୍କଟ ମୁକ୍ତରୁ ରକ୍ଷା କରିବା । ଉପସ୍ଥିତ ସମସ୍ତଙ୍କୁ ଶପଥ କରାଇ ତମାଖୁ ଜାତୀୟ ଜୀବକୁ ବାଛକୁ ଏହି ମନ୍ତ୍ର ସଂଚାର କରାଇଥିଲେ । ସମ୍ ହସପିଟାଲର ଓଙ୍କୋଲୋଜି ଡ. ମହାପାତ୍ର ଓ ଡ.ପୁହାନ କର୍କଟ ରୋଗ ବିଷୟରେ ଆଲୋକପାତ କରାଇବା ସହ ଲୋକ ମାନେ କିପରି ସୁବିଧାରେ ଚିକିତ୍ସା କରି ପାରିବେ ସମସ୍ତଙ୍କୁ ଅବଗତ କରାଇଥିଲେ । ସମସ୍ତ ଅତିଥି ମାନେ ସବୁଜ ପତାକା ଦେଖାଇ ବିଶାଳ ପଦଯାତ୍ରା (ବ୍ରହ୍ମପୁର ଓ୍ୱାକଥନ୍)କୁ ଶୁଭାରମ୍ଭ କରିଥିଲେ । ଏହି ବିଶାଳ ସମାରୋହ ଓ ଗଣ ପଦଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ମାନଙ୍କ ସହ ସମସ୍ତରାୟ ଏକାଡେମୀ, ଆର୍ଯ୍ୟନ ଗୁରୁକୁଳ ରେଶିଡେଂଟ ମହାବିଦ୍ୟାଳୟ, କେ.ସି. ପବ୍ଲିକ ସ୍କୁଲ, ସରକାରୀ ଆଇଟି ଆଇ ବ୍ରହ୍ମପୁର, ଗିରିଶୋର ବାଳିକା ବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଏସ ଏସ ଜି ଏମ ରାମହରିନଗର, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସେଂଟ ଜାଭିୟର୍ସ ସ୍କୁଲ, ସିଦ୍ଧ ଭୈରବୀ ହାୟର ସେକେଣ୍ଡାରୀ ସ୍କୁଲ, ବ୍ରହ୍ମପୁର ପୋଲିସ ବାହିନୀ ଓ ସମ୍ ହସପିଟାଲ ନର୍ସିଂ ଷ୍ଟାଫର କର୍ମକର୍ତ୍ତା ସହ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରାୟ ୧୨୦୦ ଯୁବକ ଯୁବତୀ ଯୋଗଦେଇ ପଦଯାତ୍ରାରେ କର୍କଟ ରୋଗ ବିଷୟରେ ଲୋକମାନଙ୍କୁ ସଚେତନତା କରାଇଥିଲେ । ବ୍ରହ୍ମପୁର ସହର ପୋଲିସ କର୍ମଚାରୀ, ସମସ୍ତ ଗଣ ମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମସ୍ତ ଉପସ୍ଥିତ ଶିକ୍ଷକ ଓ ସାମାଜିକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ବିଶାଳ ସମାରୋହ କାର୍ଯ୍ୟକ୍ରମକୁ ସମସ୍ତରାୟ ଏକାଡେମୀ ର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ବାଣ , ବିନୁୟାଳକ ବାଣ, ବି ସଂଜୟ ପାତ୍ର, ଲିଙ୍ଗରାଜ ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ସମ୍ ହସପିଟାଲର ସୁମନ ମିଶ୍ର , ଦିନେଶ ପଟ୍ଟନାୟକ ସହ ଅନ୍ୟାନ୍ୟ କର୍ମଚାରୀ,କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ଶେଷରେ ଡ଼ଃ ଦେବାନନ୍ଦ ବାଣ ସମସ୍ତଙ୍କୁ ସହଯୋଗ ପାଇଁ ହୃଦୟରୁ ଧନ୍ୟବାଦ ଦେଇଥିଲେ ।

ବାଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନିମାପଡା, ୦୪/୦୨ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଲୋଦର ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରିଶ୍ରମରେ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ସୁତନ ଅଧ୍ୟକ୍ଷ ମରଗା ମହାବିଦ୍ୟାଳୟ କାଳଚପୁର ଡଃ ସନ୍ତୋଷ କୁମାର ମିଶ୍ର ମୁଖ୍ୟବକ୍ତା ଚନ୍ଦ୍ରଭାଗ ଦଳାଲ ସମ୍ମାନୀତ ଅତିଥି ମ୍ୟାନେଜର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଗୁଜିସିପୁର ଶାଖା ସିଆର୍ ସିସି ଲୋଦର କୃଷ୍ଣର ମଧୁସୂଦନ ପଟ୍ଟନାୟକ ସୁତନ ପ୍ରଧାନ ଶିକ୍ଷୟିତ୍ରୀ ଲୋଦର ନୋଡାଲ ଉଚ୍ଚ ବିଦ୍ୟାଳୟର ଡେବି ରାୟ ସରପଂଚ ଲୋଦର ଗ୍ରାମ ପଂଚାୟତର ଚାଉଳିଦା ଦେବେରା ଆଲୁମିନି ସଭାପତି ଲୋଦର ନୋଡାଲ ଉଚ୍ଚ ବିଦ୍ୟାଳୟ ଗମାନମଣ ଦେବ ପାତ୍ର ସଭାପତି ଲୋଦର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଶ୍ୟାମସୁନ୍ଦର ସ୍ୱାଇଁ ପ୍ରଧାନ ଶିକ୍ଷାଳ ଲୋଦର ନୋଡାଲ୍ ଉଚ୍ଚ ବିଦ୍ୟାଳୟ ସୁଶାନ୍ତ କୁମାର ବାଣ ଓ ସମସ୍ତ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ ।

ଚୌଦ୍ୱାର ଅବକାରୀ ଥାନା ଚଢ଼ାଉ, ମଦ ସହିତ ତିନ ଗିରଫ

ଟାଙ୍ଗୀ ଚୌଦ୍ୱାର, ୦୪/୦୨ (ଆ.ପ୍ର) : ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ଚରପଟ୍ଟୁ ଚୌଦ୍ୱାର ଓ ଜଗତପୁର ଆଦି ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତରାନ୍ଧା ଦେଶୀ ମଦୁଲି ମଦ ବିପୁଳ ପରିମାଣର ଜବତ୍ କରିଛି । ଏହି ଚଢ଼ାଉରେ ୬୫ ଲିଟର ଦେଶୀ ମଦୁଲି ମଦ ସହିତ, ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର ପାଲୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନାର ଇନସେଷ୍ଟର ଉକ୍ତ ବହକ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁଜିତ ବଲ, ଲକ୍ଷ୍ମଣ, ଗାଡୀଓଳି ବେହେରା ପ୍ରମୁଖ ସାମିଲ ଥିଲେ । ଆସାମୀ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି । ଆସାମି ମାନଙ୍କର ନାମ ଯଥାକ୍ରମେ ମୁଣ୍ଡମାନର ସୁଧାମ ଗିରି, ଚୌଦ୍ୱାରର ସୋମନାଥପୁର ସାମଲ ଓ ଲକ୍ଷମଣପୁରର ଏରିଆ ରାଓ ବୋଲି ଜଣା ପଡ଼ିଛି ।

ଉତ୍କଳ ସମ୍ମିଳନୀ ପକ୍ଷରୁ ସଚେତନତା ଶୋଭାଯାତ୍ରା

ଦଶପଲ୍ଲା, ୦୪/୦୨ (ଆ.ପ୍ର) : ଓଡ଼ିଆ ଭାଷାକୁ ଘର ଠାରୁ ବଜାର, ସଭା ସମିତି ଠାରୁ କାର୍ଯ୍ୟାଳୟ ସବୁଠି ବ୍ୟବହାର କରିବା ନିମନ୍ତେ ସଚେତନତା ସୃଷ୍ଟି ପାଇଁ ବୁଧବାର ଦିନ ଦଶପଲ୍ଲାରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବିଜୁପତି ଅଂଚଳ ପରିଷଦ ଦଶପଲ୍ଲା ସୌଜନ୍ୟରେ ଉତ୍କଳ ସମ୍ମିଳନୀ ଦଶପଲ୍ଲା ଶାଖା ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଓଡ଼ିଆ ଭାଷାର ସୁରକ୍ଷା ଓ ବହୁଳ ପ୍ରଚାର ପ୍ରସାର କରିବା ସହ ନାମ ଫଳକ ଓଡ଼ିଆ ଲେଖିବା ପାଇଁ ଆହ୍ୱାନ ଦିଆ ଯାଇଥିଲା । 'ଓଡ଼ିଆ ଭାଷା, ଭାରି ସାହସୀ' , 'ଓଡ଼ିଆ ଭାଷା ଅତି ସରଳ', 'ସବୁ ବସ୍ତୁର ସବୁ

ଅନୁଷ୍ଠାନ, ନାମ ଫଳକେ ଓଡ଼ିଆ ଲିଖନ' ଆଦି ବିଭିନ୍ନ ସଚେତନତା ମୂଳକ ପୁ ଜାର୍ଡ ଧରି କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ର ଛାତ୍ରୀ, ପିଙ୍କୀଶ୍ରୀ ରାଧାମୋହନ ଜୀଉ କୋଡାଲ ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସହର ପରିକ୍ରମା କରିଥିଲେ । ସଭାପତି ଡ ବୈଦ୍ୟନାଥ ସାହୁ, ଲେହୀୟ ସାମ୍ପାଦକ ପ୍ରଶାନ୍ତ ସାହୁ ଓ ଗାଳ୍ପିକ ସାହିତ୍ୟକୁ ମହାନୁଭବ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଫୁଲ୍ଲ ମିଶ୍ର, ପ୍ରଧାନଶିକ୍ଷକ ବିଭୂତି ନାୟକ, ଡ ପ୍ରଫୁଲ୍ଲ ଦାସ, ସୁବାଶ ପ୍ରଧାନ, ଧୀରେନ୍ଦ୍ର କୁମାର ମହାରଣାଙ୍କ ସମେତ ବିଭିନ୍ନ ସଂଗଠନ ସହାୟତା କରିଥିଲେ । ଏଥି ସହିତ ବରପୁର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ 'ସହଜଯାନୀ ଧାରାରେ ଶ୍ରୀଜଗନ୍ନାଥ' ଶୀର୍ଷକ ଗଭୀର ଚିନ୍ତନମୟ ପାଠଚକ୍ର

ପାରଳାଖେମୁଣ୍ଡି, ୦୪/୦୨ (ଆ.ପ୍ର) : ଗଜପତି ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଆନ୍ତଃ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠ (ଆଇକ୍ୟୁଏସି)ର ମିଳିତ ଆନୁକୂଲ୍ୟରେ "ସହଜଯାନୀ ଧାରାରେ ଶ୍ରୀଜଗନ୍ନାଥ" ଶୀର୍ଷକ ଏକଦିବସୀୟ ପାଠଚକ୍ର ଭାବଗମ୍ଭୀର ଓ ଶାସ୍ତ୍ରୀୟ ପରିବେଶରେ ସମ୍ପନ୍ନତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରରେ ବିଶିଷ୍ଟ ଗବେଷକ , ପ୍ରାବନ୍ଧିକ, ସୂନାମଧନ୍ୟ ସମାଲୋଚକ, ଆକାଶବାଣୀ ଓ ଦୂରଦର୍ଶନର ପରିଚିତ ଉପସ୍ଥାପକ, ଶ୍ରୀଜଗନ୍ନାଥଙ୍କର ବାଣୀସେବକ ତଥା ଗମାଦେବୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ବହୁମୂଲ୍ୟ ଗବେଷଣାମୂଳକ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ସେ ଶ୍ରୀଜଗନ୍ନାଥ ଚେତନା , ସହଜଯାନୀ ବାର୍ଣ୍ଣିକ ଧାରା ଓ ଓଡ଼ିଆ ଭକ୍ତି ସାହିତ୍ୟର ଗଭୀର ଆତ୍ମିକ ଓ ଦାର୍ଶନିକ ମୂଲ୍ୟବୋଧ ଉପରେ ସ୍ପଷ୍ଟ, ସାରଗର୍ଭିତ ଓ ଚିନ୍ତନଉଦ୍ଦୀପକ ଆଲୋକପାତ କରିଥିଲେ । ଡାକ୍ତର ଗଭୀର ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା ଶ୍ରୋତାମାନଙ୍କୁ ଗଭୀର ଭାବେ ଆକୃଷ୍ଟ ଓ ପ୍ରଭାବିତ କରିଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ସଭାପତିତ୍ୱ ଭାର ଗ୍ରହଣ କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟର ଅଭିନ୍ନ ଓ ଅନ୍ତର୍ନିହିତ ସମ୍ପର୍କ ଉପରେ ଗଭୀର ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆକ୍ଷ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠର ସଂଯୋଜକ ଡ଼କ୍ଟର ବିଶ୍ୱେଶ୍ୱର ମିଶ୍ର ଉପସ୍ଥିତ ରହି ଏପରି ଶାସ୍ତ୍ରୀୟ ଓ ଶିକ୍ଷାନୁକୂଳ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ପାଇଁ କିପରି ଚିନ୍ତନ ଓ ଗବେଷଣାମନସ୍କତା ସୃଷ୍ଟି କରେ, ସେଥିରେ ଆଲୋକପାତ କରିଥିଲେ । ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ, ପାଠଚକ୍ରର ସମନ୍ୱୟ ଓ ସୁଚାରୁ ପରିଚାଳନା ଓଡ଼ିଆ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ବିପ୍ଳବ ରଞ୍ଜନ ପ୍ରଧାନ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଲିସା ରାଣୀ ପାଢୀଙ୍କ ଦ୍ୱାରା ପରିବେଶିତ ଭାବମୟ ସ୍ୱାଗତ ସଙ୍ଗୀତ ଏବଂ ପରିଶେଷରେ ଓଡିଶୀ ନୃତ୍ୟ ସମସ୍ତ ପରିବେଶକୁ ଭକ୍ତିରସରେ ଆଲୋଡ଼ିତ କରିଥିଲା । ଓଡ଼ିଆ ବିଭାଗର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅର୍ଜୁନ ନେନା, ରାମକୃଷ୍ଣ ପଟ୍ଟନାୟକ, ଅଧ୍ୟାପିକା ବୃର୍ଣ୍ଣଲତା ପଣ୍ଡା, ସୋନାଳି ପଟ୍ଟନାୟକ, ରତ୍ନମତି ରାଉତ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା , କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଏକ ସଫଳ, ଶିକ୍ଷାପ୍ରଦ ଓ ସ୍ମରଣୀୟ ଆୟୋଜନ ଭାବେ ସମ୍ପନ୍ନ ହୋଇଥିଲା । ଶେଷରେ ଡ଼କ୍ଟର ରାଉତ୍ରାୟ ନାୟକ ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ବକ୍ତା, ଆୟୋଜକ ଓ ଅଂଶଗ୍ରହଣକାରୀମାନଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଥିଲେ । ସମଗ୍ର କାର୍ଯ୍ୟକ୍ରମଟି ଏକ ଉଚ୍ଚମାନର ଶାସ୍ତ୍ରୀୟ ଓ ସାହିତ୍ୟିକ ଆୟୋଜନ ଭାବେ ସମସ୍ତଙ୍କ ପ୍ରଶଂସା ଲାଭ କରିଥିଲା ।

ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ୧୯୭୫ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା, ୦୪/୦୨ (ଆ.ପ୍ର) : ମାହାଙ୍ଗା ବ୍ଲକ ଅଧିନ ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ୧୯୭୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଜେଂଟା ଗ୍ରାମ ଜଙ୍ଗଲ ପାରେ ଲାଉରକ୍ଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବକୁ ସରସ ସୁନ୍ଦର କରିବା ରେ ଆଲୋକ କୁମାର ଭୂୟାଁ ସହଯୋଗ କରିଥିଲେ । ଏହି ଉତ୍ସବରେ ଆଇନ ଜୀବି ପ୍ରଦୀପ୍ତ କିଶୋର ଭୂୟାଁ, ଦୁର୍ଗା ଚରଣ ମିଶ୍ର, ଦେବେନ୍ଦ୍ର ସ୍ୱାଇଁ, ଅକ୍ଷୟ କୁମାର ବାରିକ, ଅକ୍ଷୟ କୁମାର ଦାସ, ଅନିଲ୍ କୁମାର ମହାନ୍ତି, ପିତାମ୍ବର ପଣ୍ଡା,ଅନନ୍ତ ଚରଣ ମହାନ୍ତି,ବଂଗବର ଜେନାଙ୍କ ସହ ଅନ୍ୟ ସମସ୍ତ ବନ୍ଧୁ ଉପସ୍ଥିତ ରହି ସେମାନଙ୍କର ଭାବର ଆଦାନପ୍ରଦାନ କରିବା ସହିତ ବନ୍ଧୁ ମାନଙ୍କର ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଆଲୋଚନାରେ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ସାହାଯ୍ୟ ଯୋଗାଇ ଦେବା ସହ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବା ପାଇଁ ସ୍ଥିର କରାଯାଇଥିଲା । ବନ୍ଧୁ ମିଳନ ଉତ୍ସବ ପାଳନ ଏକ ନିଆରା ଅନୁଭୂତି ଯାହା ପୁରାତନ ଛାତ୍ରମାନଙ୍କୁ ଏକାଠି କରିବାର ସୁଯୋଗ ସୃଷ୍ଟି କରିଥାଏ ବୋଲି ସମସ୍ତେ ମ

ଦୈନିକ
ଆରମ୍ଭ
SEITHO ARAMBHA

ଗୁରୁବାର, ୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

କେବେ ହସ୍ତାନ୍ତର ହେବ ଷ୍ଟାଲ ? ଗୃହନିର୍ମାଣକୁ ବିତିଗଲାଣି ଦୀର୍ଘ ମାସ

ଝରିଗାଁ, ୦୪/୦୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସବର ମହକୁମା ସ୍ଥିତ ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଷ୍ଟାଲ ଗୃହ ନିର୍ମାଣ ହୋଇ ଦୀର୍ଘ ମାସ ବିତିଯାଇଥିଲେ ହେଁ ଏଯାଏ ସଂଗଠନକୁ ହସ୍ତାନ୍ତର କରାଯାଇନି । ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଯୋଗ୍ୟ ଯେ, ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱରେ ବ୍ଲକ ପ୍ରଶାସନ ପକ୍ଷରୁ ୮ଗୋଟି ଷ୍ଟାଲ ଗୃହ ନିର୍ମାଣ କରାଯାଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଷ୍ଟାଲ ଗୃହର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଦୀର୍ଘ ମାସ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ଷ୍ଟାଲ ଗୃହ ଗୁଡିକ ହସ୍ତାନ୍ତର କରିନଥିବାରୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଂଚ ଯୋଗେଶ୍ୱର ପୂଜାରୀଙ୍କୁ ପଚାରିବାରୁ ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆମକୁ ହସ୍ତାନ୍ତର କରି ନାହାନ୍ତି ବୋଲି କହିଛନ୍ତି । ଜିପିଡ଼ି ରମେଶ ହରିଜନଙ୍କୁ ମଧ୍ୟ ଷ୍ଟାଲ ଗୃହ ବିଷୟରେ ପଚାରିଲେ ସେ ଗୋଟିଏ କଥା ହିଁ କହୁଛନ୍ତି । ଭଲୟେକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉପରେ ଦୋଷ ଲଦିଦେଇ ରୂପ ଉଡୁଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧ୍ୟ କିଛି ଜଣା ପଡୁନାହିଁ । ଏ ଷ୍ଟାଲ ଗୃହ ନିର୍ମାଣରେ ବି ବିଡ଼ିଓ ଓ ଠିକାଦାର ମଧ୍ୟରେ କିଛି ମଧ୍ୟ ରହିଯାଇ ରହିଛି ନା ଆଉ ଜଣ କାହାଣ୍ଡ ରହିଛି, କିଛି ଜଣା ପଡୁନାହିଁ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜାଣିଶୁଣି ହସ୍ତାନ୍ତର କରୁନାହାନ୍ତି ନା ସେ କେଁଚେ ନେତାଙ୍କ ହାତ ବାରିସୀ ସାଜିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ କେବେ ଏହି ଷ୍ଟାଲ ଗୃହ ହସ୍ତାନ୍ତର ହେବ ତାହା ବର୍ତମାନ ଦେଖିବାକୁ ବାକି ରହିଲା ?

ଭଗତପୁର ମହାବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଟାଙ୍ଗୀଚୌଦ୍ୱାର, ୦୪/୦୨ (ଆ.ପ୍ର) : ଭଗତପୁର ମହାବିଦ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କରୁଣପୁର ଗ୍ରାମ ପଂଚାୟତ ଭଗତପୁର ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ପୂରାତନ ଛାତ୍ରୀ ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ଆସୁଛି । ଚଳିତ ବର୍ଷ ସୁଜ୍ଞ ବୁଢା ରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ଶୁକ୍ରବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବରିଷ୍ଠ ସମାଜସେବୀ ଗଙ୍ଗାଧାରା ବେହେରା, ସୁବ ସାମାଜିକ ମନୋଜ କୁମାର ବାରିକ ମହାବିଦ୍ୟାଳୟର ପ୍ରିନସିପାଲ ଅନିଲ କୁମାର ବେହେରା, ଅଧ୍ୟାପିକା ବିଜୟା ଲକ୍ଷ୍ମୀ ସାହୁ, ବରିଷ୍ଠ ସାମାଜିକ କାଳୁଚରଣ ବେହେରା, ଲକ୍ଷ୍ୟାଧର ସାହୁ, ଜୟଶ୍ରୀ ସାହୁ ମଂଚରେ ଉପସ୍ଥିତ ଥିଲେ । ପିଲା ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କିପରି ଭବିଷ୍ୟତରେ ଭଲ ମଣିଷ ହେବେ ଆଗାମୀ ଦିନରେ ଦେଶର ନାଁ ରଖିବେ ଓଡ଼ିଶାର ନାଁ ରଖିବେ ସେ ବିଷୟରେ ଅତିଥି ମାନେ ଉଦବୋଧନ ଦେଇଥିଲେ । ଏହାପରେ ଗୀତ ଓ ଗୀତର ତାଳେ ତାଳେ କଲେଜ ରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନେ ନିଜ କଳା ପରିବେଷଣ କରିଥିଲେ । ବାର୍ଷିକ କ୍ରୀଡାରେ ଯେଉଁମାନେ ଭାଗ ନେଇଥିଲେ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଉଦ୍ୟମରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସାଫଲ୍ୟ ମଣ୍ଡିତ ହୋଇଥିଲା ।

ୟୁଥ ହେଲପିଙ୍ଗ ବଏ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ୧୨୫ତମ ଜୟନ୍ତୀ ପାଳିତ

ଜଗତସିଂହପୁର, ୦୪/୦୨ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପନାଶୋଣ ୟୁଥ ହେଲପିଙ୍ଗ ବଏ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଭାଗୃହରେ ଲୋକଳକି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ୧୨୫ ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଳାଶୋଣ ଗ୍ରାମ ପଂଚାୟତର ସରପଂଚ ମେନକା ଦାସ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସମିତି ସଭ୍ୟ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ଟ୍ରଷ୍ଟର ସମ୍ପାଦକ ଯାମିନୀ କାନ୍ତ ନନ୍ଦ, ଉପ ସଭାପତି ରିଦୁରାଜ ମହାନ୍ତି ପ୍ରମୁଖ ଯୋଗଦେଇ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଅକ୍ଷୟ କୁମାର ମହାନ୍ତି (ଜାକିଆ ସାର୍) କେ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭା ପୂର୍ବରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ସମସ୍ତ ଅତିଥି ମାନେ ପଳାଶୋଣ ଗ୍ରାମରେ ଥିବା ନାଟ୍ୟାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଧ୍ୱର୍ତ ସଭ୍ୟ ସଭ୍ୟା ଶ୍ରୀନିବାସ ଷଡ଼ଙ୍ଗୀ, ଲକ୍ଷ୍ମୀ ସେଠୀ, ସନ୍ତୋଷ ବେହେରା, ରଞ୍ଜିତା ଦାସ, ମାନସ କାଣ୍ଡି, ବସନ୍ତ ଲାଣ୍ଡି, ମମତା ଲାଣ୍ଡି, ପ୍ରଶାନ୍ତ କୁମାର ଭୋଜ, ମାନସ ରଞ୍ଜନ ମହାନ୍ତି, ଧୀରେନ୍ଦ୍ର ବେହେରା, ଝରେନ୍ଦ୍ର ବେହେରା ,କବିତା ବାରିକ, ସୁବାସ ପରିଡା, ଟ୍ରଷ୍ଟର ସଦସ୍ୟ ସୁରଜ ବେହେରା, ଲୁନା ସାହୁ, ବାବୁଲା ସାମଲଙ୍କ ସମେତ ପଳାଶୋଣ ଗ୍ରାମର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଶେଷରେ ଡ଼ବକବନ୍ଧୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ଝ ଭବ୍ତ ସଭାରେ ସ୍ଥାନୀୟ ଅଂଚଳର ଗ୍ରାମବାସୀ ଉପସ୍ଥିତ ଥିଲେ ।

ମଦ୍ୟପ ହାଇୱା ଡ୍ରାଇଭରଙ୍କ ଉନ୍ମତ କାଣ୍ଡ

ଭୋଗରାଇ, ୦୪/୦୨ (ଆ.ପ୍ର) : ଭୋଗରାଇ ବ୍ଲକ ଚୌକି ହାଟରେ ମଦ୍ୟପ ହାଇୱା ଡ୍ରାଇଭରଙ୍କ ଉନ୍ମତ କାଣ୍ଡ ଫଳରେ ୪ ରୁ ଅଧିକ ଦୋକାନ ଉପରେ ଗାଡ଼ି ଚଢ଼ିଗଲା । ଘଟଣା ସ୍ଥଳରେ ଚାପା ଉତେଜନା ପରେ ଭୋଗରାଇ ପୋଲିସ ପହଂଚି କୁଝାଝୁଝି କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା । ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୬ ନଂ ରାଜ୍ୟ ରାଜପଥ ଚୌକି ହାଟ ପାରେ ଛିଡ଼ା ହୋଇଥିବା ହାଇୱା ଗାଡ଼ି ଡ୍ରାଇଭର ଉନ୍ମତ କାଣ୍ଡତ ପାଇଁ ବଡ଼ ଅଘଟଣ ଦେଖିବା ପାଇଁ ମିଳିଛି । OD-22-W 3202 ନମ୍ବର ଏକ ହାଇୱା ଗାଡ଼ି ଡ୍ରାଇଭର ମଦ୍ୟପାନ କରି ଗୋଟିଏ ଟଟୋ, ଗୋଟିଏ ମଟରସାଇକେଲ ସହିତ ୪ ଟି ଦୋକାନ ଭାଙ୍ଗି ଦେଇଛି । ଏତଦ୍ ବ୍ୟତୀତ ଚୌକି ପ୍ରାଥମିକ ବିଦ୍ୟାଳୟ ପାଚେରୀ କାନ୍ଥ ସହିତ ମାର୍କେଟ ନିକଟରେ ଗୁରୁବାର ଦେବାକୁ ଥିବା ହିନ୍ଦୁ ମହା ସମ୍ମିଳନୀ ପାଇଁ ବନ୍ଧା ଯାଇଥିବା ଟେଂଟକୁ ରାଜିଁ ବୁଡମାର କରିଦେଇଛି । ଯାହାକୁ ନେଇ ସ୍ଥାନୀୟ ଲୋକ ଓ ଦୋକାନୀ ମାନେ ଗାଡିଟିକୁ ଅଟକାଇବା ପାଇଁ ବହୁ ଚେଷ୍ଟା କରିଥିଲା ପରେ ଡ୍ରାଇଭରଟିକୁ କାବୁ କରିଥିଲେ । ଏ ନେଇ ଭୋଗରାଇ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଂଚି ଡ୍ରାଇଭର ଜଣକୁ ଥାନାକୁ ନେବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ସ୍ଥାନୀୟ ଲୋକେ ଡ୍ରାଇଭର ଜଣକୁ ନ ଛାଡି ଶାସ୍ତି ପୂରଣ ପାଇଁ ପ୍ରବଳ ବିରୋଧ କରିଥିଲେ । ଏହାକୁ ନେଇ ଭଲୟେ ପୋଲିସ ଓ ଜନସାଧାରଣଙ୍କ ଭିତରେ କଥା କଟାକଟି ହୋଇ ଥିଲା । ଶେଷରେ ପୋଲିସ ଦୋଷୀ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ କ୍ଷତି ହୋଇଥିବା ଦୋକାନୀଙ୍କୁ ନ୍ୟାୟ ଦିଆଯିବ ବୋଲି କହିବା ପରେ ସ୍ଥାନୀୟ ଲୋକେ ଡ୍ରାଇଭର ଜଣକୁ ପୋଲିସକୁ ଜିମା ଦେଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

କୃଅରୁ ନିଖୋଜ ନାବାଳକର ଶବ ଉଦ୍ଧାର

ଗଣିଆ, ୦୪/୦୨ (ଆ.ପ୍ର) : ଗଣିଆ ବ୍ଲକ ବେଲପଡାପଡଶ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଛାତ୍ର ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ଘଟଣାରୁ ଜଣାପଡିଛି ମାଙ୍ଗଳବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ୫ମ ଶ୍ରେଣୀ ଛାତ୍ର ଭୋଜନାନାଥ ମଳିକ ପ୍ରଧାନଶିକ୍ଷୟତ୍ରୀ ମଳିଶା ସେନାପତିଙ୍କୁ କହି ଝାଡ଼ା ଯିବେ ବୋଲି କହି ବିଦ୍ୟାଳୟରୁ ଚାଲି ଆସିଥିଲେ । ୪ଟା ପର୍ଯ୍ୟନ୍ତ ସେ ବିଦ୍ୟାଳୟକୁ ନ ଆସିବା ପରେ ଶିକ୍ଷୟିତ୍ରୀ ଜଣକ ଗ୍ରାମର ଜଣେ ପିଲାଙ୍କ ସାଙ୍ଗରେ ଭୋଜାଣ ବ୍ୟାଗ ଘରକୁ ପଠାଇ ଦେଇଥିଲେ । ତେବେ ଛାତ୍ର ଜଣକ ଘରକୁ ନଯିବା ପରେ ଘର ଲୋକେ ଖୋଜାଖୋଜି କରିଥିଲେ । ଦମକଳ ବାହିନୀକୁ ଖବର ଦେବା ପରେ ବିଦ୍ୟାଳୟ ପାଖରେ ଥିବା ପୋଖରୀରେ ପ୍ରାୟ ୨ ଘଂଟାଏ ଧରି ଖୋଜିଥିଲେ ମଧ୍ୟ ଛାତ୍ର ଜଣକ ସନ୍ଧାନ ପାଇ ନପାରିଲେ । ତେବେ ବୁଧବାର ସକାଳେ ବେଲପଡା ଗ୍ରାମର ମୁଣ୍ଡରେ ଥିବା ଏକ ପାଟିଚାଲ୍ ପୁରୁଣା ଛାତ୍ର ଜଣକର ଶବ ଉଦ୍ଧାର କରାଯାଇଛି । ପ୍ରତିବାଦରେ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି । ଘଟଣାସ୍ଥଳରେ ଗଣିଆ ଥାନା ଅଧିକାରୀ ତଙ୍କଧର ଛତ୍ରିୟା ପହଂଚି ତଦନ୍ତ ଜାରି ରଖିଛନ୍ତି ।

ଅଚାନକ ଆହାର କେନ୍ଦ୍ର ପରିଦର୍ଶନ, ଖାଦ୍ୟର ମାନ ପରଖିଲେ ନିର୍ବାହୀ ଅଧିକାରୀ

ଧାମନଗର, ୦୪/୦୨ (ଆ.ପ୍ର) : ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୫ନମ୍ବର ୱାର୍ଡ ଅଧିନସ୍ଥ ମେଡିକାଲ ବଜାରରେ ପ୍ରତିଷ୍ଠିତ ଆହାର କେନ୍ଦ୍ରକୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଅଚାନକ ଆହାର କେନ୍ଦ୍ର ପରିଦର୍ଶନ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ଜିପରି ଅଛି ବୁଲି ଦେଖି ପରେ ଖାଦ୍ୟ ଖାଇ ଖାଦ୍ୟର ମାନ ପରଖିଲେ ଉପସ୍ଥିତ ଲୋକମାନଙ୍କୁ ଖାଦ୍ୟର ମାନ ପଚାରି ବୁଝି ସନ୍ତୋଷ ପ୍ରକାଶ ସହିତ ଗୋଷ୍ଠୀର କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିବା ସରକାରୀ ପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମଚାରୀଙ୍କୁ ଖାଦ୍ୟ ଆଲ ଚିକିତ ଜନ୍ତ ସହ ଖାଇବା ପାଇଁ ଆସୁଥିବା ଲୋକମାନଙ୍କୁ ଭଲ ବ୍ୟବହାର କରିବା ତାଙ୍କୁ ସୁଚାରୁରୂପେ ଖାଦ୍ୟ ବଂଟନ କରିବା ପାଇଁ ଅଧିକାରୀ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ଏଥିସହିତ ଅଧିକାରୀ ସବକ ସହରାଂଚଳରେ ବିଜିନ୍ସ ୱାର୍ଡ ବୁଲି ଜନ୍ମୟନ ମୂଳକ ପ୍ରକଳ୍ପକାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟକୁ ତଦାରଖ କରିଥିବା ସୂଚନା ମିଳିଛି । ଏହି ପରିଦର୍ଶନ ସମୟରେ ଜିଲ୍ଲା ମିଶନ ପରିଚାଳକ ବିକ୍ରମ କୁମାର ସାହୁ,ଏନଏସି ଗୋଷ୍ଠୀ ପରିଚାଳିକା ସୁଷମା ରାଣୀ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

କର୍କଟ ରୋଗର ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୦୪/୦୨ (ଆ.ପ୍ର) : ପ୍ରଗତି ମହିଳା ସଂଗଠନ ଏବଂ ଜଗନ୍ନାଥ କମିଟି ମିଳିତ ଆନୁକୂଲ୍ୟରେ ସଚେତନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ପ୍ରଗତି ମହିଳା ସଂଗଠନର ଉପସଭାପତି ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନା କାର୍ଯ୍ୟକ୍ରମ ଜଗନ୍ନାଥ ମନ୍ଦିର ଠାରୁ ବାହାରି ରାଜନଗର ପର୍ଯ୍ୟନ୍ତ ରାଲି କରାଯାଇଥିଲା । ଭକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପି ପି ରାଜେଶ୍ୱ କୁମାର ମିଶ୍ର ଯୋଗଦେଇ କର୍କଟ ରୋଗ ବିଷୟରେ ବୁଝାଇଥିଲେ । ବିନୋଦିନୀ କଲେଜ ଅଧ୍ୟକ୍ଷ ମନୋଜ ପଟ୍ଟନାୟକ ଜଗନ୍ନାଥଙ୍କ କମିଟି ସଦସ୍ୟ ଦୁର୍ଗା ମାଧବ ପାଣିଗ୍ରହୀ, ପ୍ରଗତି ମହିଳା ଉପଦେଷ୍ଟା ବିଚିତ୍ରାନନ୍ଦ ଦେବତା, ଉପଦେଷ୍ଟା ହରି ମୋହନ ପଟ୍ଟନାୟକ, ସଂଗଠନ ସମ୍ପାଦିକା ଡାକୁଆ ଶତପଥୀ, ମାନସୀ ଠଣ୍ଡା, ପ୍ରଫୁଲ୍ଲ ଦେବତା, ମୁରଲୀ ପରିଡା ପ୍ରମୁଖ ଯୋଗଦେବ ତମାଖୁ, ମଦ ସିଗାରେଟ, ସ୍ୱାସ୍ଥ୍ୟ ପାଇଁ କେତେ ହାନି ଜାରଜ ସେ ବିଷୟ ରେ ସମସ୍ତ ଙ୍କୁ ସଚେତନା କରାଯାଇଥିଲା । ସୁସ୍ଥ ସମାଜ ଗଢ଼ିବା, ସୁନ୍ଦର ପରିବାର ଗଢ଼ିବା, କର୍କଟ ରୋଗ ଠାରୁ ଦୂରେଇ ରହିବା । ଶେଷରେ ମୁରଲୀଧର ପରିଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସିଡବୁସି ଡାଇରେକ୍ଟରଙ୍କୁ ସାକ୍ଷାତ କଲେ ଡ ଭବାନୀ ଶଙ୍କର ନିଆଲ ଲୋୟର ଓ ଅପର ଉଦନ୍ତୀ ବ୍ୟାରେଜ ପ୍ରକଳ୍ପ ନେଇ ଦିଲ୍ଲୀରେ ଆଲୋଚନା

ନୂଆପଡା, ୦୪/୦୨ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାର ଲୋୟର ଉଦନ୍ତୀ ଏବଂ ନୂଆପଡ଼ା ଜିଲ୍ଲାର ଅପର ଉଦନ୍ତୀ ବ୍ୟାରେଜ ପ୍ରକଳ୍ପ ନେଇ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ (ଭାରତ) ଡାଇରେକ୍ଟର ନିରଜ କୁମାର ଶର୍ମାଙ୍କୁ ବିକଶିତ କଳାହାଣ୍ଡି–ନୂଆପଡ଼ାର ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାର ସମୟରେ ବୁଲାଟି ପ୍ରମୁଖ ଜଳସେଚନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି । ଅପର ଉଦନ୍ତୀ ବ୍ୟାରେଜ ପ୍ରକଳ୍ପ ମହାନଦୀ ବେସିନର ତେଲ୍ ଉପ-ବେସିନ ଅନ୍ତର୍ଗତ । ଏହି ପ୍ରକଳ୍ପ ନୂଆପଡ଼ା ଜିଲ୍ଲା ସିମନାଲି ବ୍ଲକର ପଟିପାଲପଡ଼ା ଗ୍ରାମ ନିକଟରେ ଉଦନ୍ତୀ ନଦୀ ଉପରେ ନିର୍ମାଣ ପାଇଁ ପ୍ରସ୍ତାବିତ । ଏହା କାର୍ଯ୍ୟକାରୀ ହେଲେ ସିମନାଲି ଓ ବୋଡେନ୍ ବ୍ଲକର ପ୍ରାୟ ୮,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିପାରିବ । ଲୋୟର ଉଦନ୍ତୀ ଜଳସେଚନ ପ୍ରକଳ୍ପ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବୋର୍ଡି ଗ୍ରାମ ନିକଟରେ ଉଦନ୍ତୀ ନଦୀ ଉପରେ ପ୍ରସ୍ତାବିତ । ଏହି ବ୍ୟାରେଜର ସ୍ଥଳରେ ନଦୀର ସମୁଦାୟ ଜଳଧାରା ଅଂଚଳ ୨,୦୪୩ ବର୍ଗ କିଲୋମିଟର, ଯାହାରୁ ୯୧୯ ବର୍ଗ କିଲୋମିଟର ଛତିଶଗଡ଼ରେ ଏବଂ ୧,୧୨୪ ବର୍ଗ କିଲୋମିଟର ଓଡ଼ିଶାରେ ଅବସ୍ଥିତ । ପଟିପାଲପଡ଼ାଠାରେ ପ୍ରସ୍ତାବିତ ଅପର ଉଦନ୍ତୀ ପ୍ରକଳ୍ପର ୧,୦୪୪ ବର୍ଗ କିଲୋମିଟର ଜଳଧାରା ଅଂଚଳ ବାଦ୍ ଦେଲା ପରେ, ଲୋୟର ଉଦନ୍ତୀ ପ୍ରକଳ୍ପ ପାଇଁ ୯୯୯ ବର୍ଗ କିଲୋମିଟର ମୁକ୍ତ ଜଳଧାରା ଅଂଚଳ ଉପଲବ୍ଧ ହେବ, ଯାହାରୁ ୮୦୫ ବର୍ଗ କିଲୋମିଟର ଓଡ଼ିଶାରେ ଏବଂ ୧୯୪ ବର୍ଗ କିଲୋମିଟର ଛତିଶଗଡ଼ରେ ଅଛି । ମହାନଦୀ ଏକ ଆନ୍ତର୍ଗାଜ୍ୟ ନଦୀ ହେବାରୁ ୦୧.୦୮.୧୯୮୨ରେ ଓଡ଼ିଶା ଓ ତତ୍କାଳୀନ ମଧ୍ୟପ୍ରଦେଶ (ବର୍ତମାନ ଛତିଶଗଡ଼) ମଧ୍ୟରେ ହୋଇଥିବା ବୁଝି ଅନୁଯାୟୀ, ଉପର ମୁଣ୍ଡର ବିକାଶ ପାଇଁ ୨୦% ଜଳଧାରା ଅଂଚଳ ସଂରକ୍ଷିତ ରଖାଯିବ । ଏହା ପରେ ଓଡ଼ିଶା ପାଇଁ ପ୍ରାୟ ୯୬୦ ବର୍ଗ କିଲୋମିଟର ଜଳଧାରା ଅଂଚଳରୁ ଜଳ ଉପଲବ୍ଧ ହେବ । ଏହି ପ୍ରକଳ୍ପ ବୁଲାଟି କାର୍ଯ୍ୟକାରୀ ହେଲେ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, ଭବାନୀପାଟଣା ଓ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଭଳି ଗିରମୁଗୁଡ଼ି ପ୍ରଭାବିତ ଅଂଚଳର ପ୍ରାୟ ୧୨,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବ । ଏହା ସ୍ଥାୟୀ ଖାଦ୍ୟ ଶସ୍ୟ ଉତ୍ପାଦନ ସହ ସେତାଂଚଳର ଲୋକମାନଙ୍କ ସାମାଜିକ–ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବ । ଉଲ୍ଲେଖଯୋଗ୍ୟ ଯେ, ଲୋୟର ଓ ଅପର ଉଦନ୍ତୀ ପ୍ରକଳ୍ପ କଳାହାଣ୍ଡି–ନୂଆପଡ଼ା ଜିଲ୍ଲାର ଗତ ଷାଠିଏ ବର୍ଷର ପୁରୁଣା ଦାବୀ ମଧ୍ୟରୁ ଗୋଟିଏ । ଏନେଇ ଡ. ଭବାନୀ ଶଙ୍କର ନିଆଲ ପୂର୍ବରୁ

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍: ଆରୋନଙ୍କ ଶତକ, ଫାଇନାଲ୍‌ରେ ଭାରତ

ହରାରେ, ୪/୨(ନ୍ୟୁ.ଏ): ଚଳିତ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି ଭାରତ । ଫାଇନାଲ୍‌ରେ ଜଂଲଷ୍ଟର ମୁକାବିଲା କରିବ ଏହି ଦଳ । ଜଂଲଣ୍ଡ ମଙ୍ଗଳବାର ତା'ର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ୨୭ ରନ୍‌ରେ ହରାଇ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ସ୍ଥାନ ସୁନିଶ୍ଚିତ କରି ନେଇଥିଲା । ଶୁକ୍ରବାରର ଏହି ଟ୍ରଫି ଡବୁଲ ତାନ୍ତ୍ର ସଂଘର୍ଷପୂର୍ଣ୍ଣ ଦେଖ ବୋଲି ଆଶା କରାଯାଇଛି । ବୁଧବାର ଦ୍ୱିତୀୟ ସେମିଫାଇନାଲ୍‌ରେ ଅଫଗାନିସ୍ତାନ ୩୧୧ ରନ୍‌ର ଆହ୍ୱାନପୂର୍ଣ୍ଣ କକ୍ଷ ଦେଇଥିଲେ ମଧ୍ୟ ନିଜ ଶୀର୍ଷକ୍ରମର ଦ୍ରୁତ ଓ ଦମ୍‌ଦାର ବ୍ୟାଟିଂ ପାଇଁ ଭାରତ ଏହାକୁ ଅତି ସହଜରେ ହାସଲ କରି ନେଇଛି । ୫୩ ବଲ୍ ପୂର୍ବରୁ ମାତ୍ର ୩ ଉଇକେଟ୍ ବିନିମୟରେ ୩୧୧ ରନ୍ କରି ଷଷ୍ଠ ଥର ବିଜେତା ହେବା ଦିଗରେ ଆଉ ଏକ ବଡ଼ ପାଦ ବଢ଼ାଇଛି । ତା' ସହିତ ନିଜ ବିଶ୍ୱକପ୍ ଇତିହାସରେ ସର୍ବବୃହତ୍ ପଶ୍ଚାତ୍‌ଧାବନ ବିଜୟ ବି ହାସଲ କରିଛି । ୧୯ବର୍ଷରୁ କମ୍ ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ଭାରତର ସର୍ବୋଚ୍ଚ ସଫଳ ପଶ୍ଚାତ୍‌ଧାବନ ରେକର୍ଡ ୨୪୫ ରନ୍ ଥିଲା । ଯାହା ଦଳ ୨୦୨୪ ବିଶ୍ୱକପ୍‌ର ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହାସଲ କରିଥିଲା । ଏହା ମଧ୍ୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଇତିହାସର ସର୍ବୋଚ୍ଚ ସଫଳ ପଶ୍ଚାତ୍‌ଧାବନ ହୋଇଛି ।

ଆଜି ଭାରତର ପଶ୍ଚାତ୍‌ଧାବନର ଶୁଭାରମ୍ଭ ଥିଲା ବେଶ୍ ଧମାଳଦାର । ବିଶ୍ୱସ୍ତ ବ୍ୟାଟର ଦୈଭବ ସୂର୍ଯ୍ୟବଂଶୀ ତାଙ୍କ ସ୍ୱାଭାବିକ ଢଙ୍ଗରେ ବିସ୍ଫୋରକ ବ୍ୟାଟିଂ କରୁଥିଲା ବେଳେ ଅନ୍ୟାନ୍ୟ ଓପନର ତଥା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଆରୋନ୍ ଜର୍ଜ ବରାବର ଭଳି ଶାନ୍ତ ରହି ପାଳିକୁ ଆଗେଇ ନେଇଥିଲେ । ଦୈଭବ ୨୪ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ । ଫଳରେ ଭାରତ ପ୍ରଥମ ୱିକେଟ୍ ଭାଗୀଦାରରେ ମାତ୍ର ୯.୩ ଓଭରରୁ ୯୦ ରନ୍ ଅମଳ କରି ନେଇଥିଲା । ପରେ ଅଧିନାୟକ ଆୟୁଷ ମହାତ୍ରେ ଓ ଜର୍ଜ ଦ୍ୱିତୀୟ ୱିକେଟ୍‌ରେ ୧୧୪ ରନ୍ ଯୋଡ଼ି ଭାରତ ବିଜୟକୁ ପକ୍କା କରି ନେଇଥିଲେ । ଜର୍ଜ ୯୫ ବଲ୍‌ରୁ ଶତକ ଅର୍ଜନ କରି ୧୧୫ ରନ୍‌ରେ ପାଭିଲିୟନ୍ ଫେରିଥିଲେ । ଏହା ପରେ ବିହାନ ମାଲହୋତ୍ରା ଓ ବେଦାନ୍ତ ତ୍ରିବେଦୀ ମିଶି ଭାରତର ବିଜୟରେ ମୁହଁ ମାରିଥିଲେ । ପୂର୍ବରୁ ଆଫଗାନିସ୍ତାନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ପାଗ ଓ ପରିବେଶକୁ ଦେଖି ପ୍ରଥମ ପାଣ୍ଡାର ସ୍ପେଲ୍‌ର ୧୦ ଓଭର ଖେଳରେ ମଜୁତ ବ୍ୟାଟିଂ କରି ବିନା କ୍ଷତିରେ ୪୨ ରନ୍ କରିଥିଲା । ପ୍ରଥମ ୱିକେଟ୍ ଅବଶ୍ୟ କେବଳ ୫୩ ରନ୍‌ରେ ହରାଇଥିଲା । ଏହା ପରେ କିଛୁ ଭାରତୀୟ ବୋଲରଙ୍କ ଉପରେ ପୁରା ପ୍ରଭାବବିସ୍ତାର କରି ଖେଳିଥିଲେ ଏହି ଦେଶର ବ୍ୟାଟସମାନେ । ଭାରତୀୟ ବୋଲରଙ୍କ ବିରୋଧୀ ବୋଲିଂ ସହ ଦୁର୍ବଳ କ୍ଷେତ୍ରରକ୍ଷଣ ପାଇଁ ବୁଝିଟି ବଡ଼ ଭାଗୀଦାର ବଳରେ ୩୦୦ରୁ ଅଧିକ ରନ୍ କରି ନେଇଥିଲା ଆଫଗାନିସ୍ତାନ । ଦୁଇ ଓପନର ଉସ୍‌ମାନ୍ ସବାତ ଓ ଖାଲିଦ ଅହମଦଜାଇ ଭଲ ଆରମ୍ଭକୁ ବଡ଼ ସ୍କୋରରେ ରୂପାନ୍ତର କରି ନ ପାରିବାର ପ୍ରଭାବ ପରବର୍ତ୍ତୀ ଦୁଇ ବ୍ୟାଟର ଫେଁଜଲ ସିନୋଜାଦା ଓ ଇକବୁଲ୍ଲା ନିଲାଜାଇଙ୍କ ଉପରେ ଯେମିତି ଆଦୌ ପଡ଼ି ନ ଥିଲା । ଭଲୟ ଶତକୀୟ ପାଳି ଖେଳି ଭାରତୀୟ ବୋଲରଙ୍କୁ ନୟାନ୍ତ କରିଥିଲେ । ସେହିଭଳି ତ୍ରୁଟିହୀନ ବ୍ୟାଟିଂ କରି ତୃତୀୟ ୱିକେଟ୍‌ରେ ମହତ୍ୱପୂର୍ଣ୍ଣ ୧୪୮ ରନ୍ ଯୋଡ଼ିଥିଲେ । ପ୍ରଥମେ ଧମା ଖେଳୁଥିବା ସିନୋଜାଦା ପରେ ଦ୍ରୁତ ଖେଳି ମାତ୍ର ୮୬ ବଲ୍‌ରୁ ଶତକ ପୂରଣ କରି ନେଇଥିଲେ । ଦୀପେଶ ଦେବେନ୍ଦ୍ରନ୍ ୪୬ତମ ଓଭରରେ ତାଙ୍କୁ ବୋଲ୍ଡ କରି ଏହି ବିପଜ୍ଜନକ ଯୋଡ଼ିକୁ ଭାଙ୍ଗିଥିଲେ । ସେତେବେଳେକୁ କିନ୍ତୁ ଆଫଗାନିସ୍ତାନ ଦୃଢ଼ ସ୍ଥିତିରେ ପହଂଚି ଯାଇଥିଲା । ଅନ୍ୟପକ୍ଷରେ ନିଲାଜାଇ ଶେଷ ଓଭରର ଦ୍ୱିତୀୟ ବଲ୍‌ରେ ଶତକ ଅର୍ଜନ କରି ଅପରାଜିତ ଭାବେ ପାଭିଲିୟନ୍ ଫେରିଥିଲେ । ଅନ୍ୟପକ୍ଷରେ ଭାରତର ଅଧିକାଂଶ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ । ୬ଜଣଙ୍କ ଭିତରୁ କେବଳ ଦୀପେଶ ଦେବେନ୍ଦ୍ରନ୍ ଓ କନିଷ୍କ ଚୌହାନ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ । ସଂକ୍ଷିପ୍ତ ସ୍କୋର: ଆଫଗାନିସ୍ତାନ ୫୦ ଓଭରରେ-୩୧୦/୪ (ଫେଁଜଲ ସିନୋଜାଦା ୧୧୦, ଇକବୁଲ୍ଲା ନିଲାଜାଇ ୧୦୧*ଚ, ଉସ୍‌ମାନ୍ ସବାତ ୩୯, ଖାଲିଦ ଅହମଦଜାଇ ୩୧, ଦୀପେଶ ଦେବେନ୍ଦ୍ରନ୍ ୨/୬୪, କନିଷ୍କ ଚୌହାନ ୨/୫୫) । ଭାରତ ୪୧.୧ ଓଭରରେ-୩୧୧/୩ (ଆରୋନ ଜର୍ଜ ୧୧୫, ଦୈଭବ ସୂର୍ଯ୍ୟବଂଶୀ ୬୮, ଆୟୁଷ ମାହାତ୍ରେ ୬୨, ବିହାନ ମାଲହୋତ୍ରା ୩୮*ଚ, ନୁରିସ୍ତାନୀ ଓମରଜାଇ ୨/୬୪, ଖିଷ୍ଟିବୁଲ୍ଲା ଜାତ୍ରାନ ୧/୬୭) ।

ଡବ୍‌ଲ୍ୟୁପିଏଲ୍ ଫାଇନାଲ୍ ଗୁରୁବାର : ପ୍ରଥମ ଟ୍ରଫି ଲକ୍ଷ୍ୟରେ ଦିଲ୍ଲୀ କ୍ୟାପିଟାଲ୍‌ସ

ବଡ଼ୋଦରା, ୪/୨(ନ୍ୟୁ.ଏ): ଡବ୍‌ଲ୍ୟୁପିଏଲ୍‌ର ଫାଇନାଲ୍‌ରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍‌ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମୁହାଁମୁହିଁ ହେବେ । ଦିଲ୍ଲୀ ପ୍ରଥମ ଓ ଆରସିବି ଦ୍ୱିତୀୟ ଥର ବିଜେତା ହେବାର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ । ଏହା ପୂର୍ବରୁ ଆରସିବି ୨୦୨୪ ମସିହାରେ ବିଜେତା ହେବାର ଗୌରବ ଅର୍ଜନ କରିସାରିଛି । ଗତ ତିନିଟି ଯାକ ସଂସ୍କରଣ ଅର୍ଥାତ୍ ୨୦୨୩, ୨୦୨୪ ଓ ୨୦୨୫ରେ ଉପବିଜେତା ହୋଇଥିବା ଦିଲ୍ଲୀ କିନ୍ତୁ ଏଥର ଶେଷ ଝିଡ଼ ଡେଇଁବା ଆଶାରେ ଅଛି । ଏହି ପ୍ରତୀକ୍ଷିତ ମ୍ୟାଚ୍‌ରାତି ୭ଟା ୩୦ରୁ ଆରମ୍ଭ ହେବ । ଚଳିତବର୍ଷର ଲିଗ୍‌ରେ ଅର୍ଥସିବି ୨ଟି ଜିତି ତାଲିକାର ଶୀର୍ଷରେ ରହି ସିଧାସଳଖ ଫାଇନାଲ୍ ଟିକେଟ ହାସଲ କରିଥିଲା । ଅନ୍ୟପକ୍ଷରେ ଦିଲ୍ଲୀ ଏଲିମିନେଟର ମୁକାବିଲାରେ ଗୁଜରାଟ ଜାଏଂଟ୍‌ସଙ୍କୁ ୭ ୱିକେଟ୍‌ରେ ହରାଇ ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ଯାଉଛି । ଦିଲ୍ଲୀ ବିଜୟରେ ଅଧିନାୟିକା ଜେମିମା ରଡ଼ିଗ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଗୁରୁବାର ମଧ୍ୟ ତାଙ୍କଠାରୁ ଦିଲ୍ଲୀ ଏକ ବଡ଼ ପାଳି ଆଶାରେ ରହିବ । ଭଲୟ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମ୍ୟାଚ୍‌ରୁ ତିନିଟି ଜିତି ଆରସିବି କିନ୍ତୁ ଆଗୁଆ ରହିଛି । ଏହି ଦଳରେ ଅଧିନାୟିକା ସ୍ମୃତି ମନ୍ଧନା ଓ ରିଚା ଘୋଷଙ୍କ ଭଳି ଖେଳାଳି ମଧ୍ୟ ଅଛନ୍ତି । ମନ୍ଧାନା ଓ ଜେମିମା ପରସ୍ପରର ଭଲ ବନ୍ଧୁ । ଗୁରୁବାର କିନ୍ତୁ କେହି କାହାରିକୁ ସହଜରେ ବାଟ ଛାଡ଼ିବେନି ବୋଲି ସ୍ପଷ୍ଟ କରି ଦେଇଛନ୍ତି ।

ସାଫ୍ କପ୍: ଭୁଟାନ୍‌କୁ ହରାଇ ଫାଇନାଲ୍‌ରେ ଭାରତ

ପୋଖରା, ୪/୨(ନ୍ୟୁ.ଏ): ଭାରତର ୧୭ ବର୍ଷରୁ କମ୍ ମହିଳା ଫୁଟବଲ୍ ଦଳ ସାଫ୍ ୧୯ ବର୍ଷରୁ କମ୍ ମହିଳା ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛି । ନେପାଳର ପୋଖରା ରଙ୍ଗଶାଳା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଶେଷ ରାଉଣ୍ଡ ଗରିବ୍ ମ୍ୟାଚ୍‌ରେ ଭାରତ ୮-୦ ଗୋଲ୍‌ରେ ଭୁଟାନକୁ ପରାସ୍ତ କରିଛି । ଆଲିସା ଲିଙ୍କଟୋ (୬ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଏହାପରେ ପର୍ଲ ପର୍ଣ୍ଣାଡିସ୍ (୧୬, ୩୯, ୪୧ ମିନିଟ୍) ହ୍ୟାଟ୍ରିକ୍, ପ୍ରୀତିକା ବର୍ମା (୨୫, ୯୦ ମିନିଟ୍)ଙ୍କ ଗୁଣ୍ଡନ ସଫଳତା ଏବଂ ଅଭିଷା କାସ୍‌ନେଟ୍ (୧୦ ମିନିଟ୍) ଓ ବିବ୍ୟାନୀ ଲିଖା (୧୭ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ଏହି ବଡ଼ ବିଜୟ ପାଇଥିଲା । ପ୍ରତିକା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଅନ୍ୟଏକ ମ୍ୟାଚ୍‌ରେ ବାଂଲାଦେଶ ୪-୦ ଗୋଲ୍‌ରେ ନେପାଳକୁ ପରାସ୍ତ କରିଥିଲା । ଫଳରେ ବାଂଲାଦେଶ (୯ ପଏଂଟ୍) ଟେବୁଲ ଶୀର୍ଷରେ ଏବଂ ଭାରତ (୬ ପଏଂଟ୍) ଦ୍ୱିତୀୟରେ ରହି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ । ଏହି ଦୁଇ ଦଳ ଶନିବାର ଖେଳାଯିବାକୁଥିବା ଫାଇନାଲ୍‌ରେ ମୁହାଁମୁହିଁ ହେବେ । ଏଏପ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍‌କୁ ନଜରରେ ରଖି ଭାରତ ଏହି ପ୍ରତିଯୋଗିତା ଲାଗି ୧୯ ବର୍ଷରୁ କମ୍ ଦଳ ନପଠାଇ ୧୭ ବର୍ଷରୁ କମ୍ ଖେଳାଳିଙ୍କୁ ପଠାଇଛି ।

ଟି-୨୦ ରାଙ୍କିଂରେ ଉପରକୁ ଉଠିଲେ ଇଷାନ କିଷନ

ନୂଆଦିଲ୍ଲୀ, ୪/୨(ନ୍ୟୁ.ଏ): ଟି-୨୦ ବିଶ୍ୱକପ ପୂର୍ବରୁ ଇଷାନ କିଷନଙ୍କ ପାଇଁ ଖୁସି ଖବର । ଆଇସିସି ରାଙ୍କିଂରେ ମାରିଲେ ବଡ଼ ଲମ୍ଫ । ସିଧା ୩୨ ଜଣ ଖେଳାଳିଙ୍କୁ ପଛରେ ପକାଇଛନ୍ତି ଏହି ବାମହାତୀ ବ୍ୟାଟ୍‌ସମ୍ୟାନ । ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଦୀର୍ଘଦିନ ପରେ ଦଳକୁ ଫେରିଥିଲେ । ଏହି ସିରିଜରେ ଦମଦାର ପ୍ରଦର୍ଶନ କରିଥିଲେ । ଶତକୀୟ ପାଳି ଖେଳି ଦଳକୁ ଖାଲି ବିଜୟ କରାଇନଥିଲେ । ବରଂ ଏହି ସିରିଜର ନିଜର ବଳିଷ୍ଠ ପ୍ରଦର୍ଶନ ପାଇଁ ଆଇସିସି ରାଙ୍କିଂରେ ଉନ୍ନତି କରିଛନ୍ତି । ସେ ୩୨ ଜଣଙ୍କୁ ପଛରେ ପକାଇ ଏବେ ୩୨ ନମ୍ବର ସ୍ଥାନରେ ରହିଛନ୍ତି । ସେପଟେ ଅନ୍ୟ ଭାରତୀୟ ଖେଳାଳିଙ୍କଙ୍କ କଥା ଯଦି କହିବା ତାହେଲେ ଅଭିଷେକ ଶର୍ମା ଏବେ ମଧ୍ୟ ଏକ ନମ୍ବର ସ୍ଥାନରେ ରହିଛନ୍ତି । ସୂର୍ଯ୍ୟକୁମାର ଯାଦବ ଦମଦାର ପ୍ରଦର୍ଶନ କରିଥିଲେ । ସେ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି । ପୂର୍ବରୁ ସପ୍ତମ ସ୍ଥାନରେ ରହିଥିଲେ

। ମାତ୍ର ଏବେ ସେ ଷଷ୍ଠ ସ୍ଥାନକୁ ଉଠିଛନ୍ତି । ସେପଟେ ଶିବମ ଦୁବେ ୧୭ ଜଣଙ୍କୁ ପଛରେ ପକାଇ ଏବେ ୪୧ ନମ୍ବରରେ ରହିଛନ୍ତି । ସବୁଠାରୁ ଅଧିକ କ୍ଷତି ସହିଛନ୍ତି ସଞ୍ଜୁ ସାମସନ । ସମ୍ପୂର୍ଣ୍ଣ ସିରିଜରେ ଫୁସ ହୋଇଥିବା ଏହି ୱିକେଟ କିପର ବ୍ୟାଟ୍‌ସମ୍ୟାନ ଏବେ ୫୬ ନମ୍ବର ସ୍ଥାନକୁ ଖସି ଯାଇଛନ୍ତି । ତିଳକ ବର୍ମାଙ୍କ କଥା ଯଦି କହିବା ତାହେଲେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଆହତ ହୋଇଣସୁ ଖେଳିବାର ସୁଯୋଗ ପାଇନଥିଲେ । ଏବେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି । ବୋଲରଙ୍କ କଥା ଯଦି ବିଚାରୁନ୍ ନେବା ତାହେଲେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏବେ ଶୀର୍ଷ ସ୍ଥାନରେ ରହିଛନ୍ତି । ଦ୍ୱିତୀୟ ସ୍ଥାନରେ ରହିଥିବା ପାକିସ୍ତାନୀ ସ୍ପିନର ଅବରାର ଅହମ୍ମଦଙ୍କ ଠାରୁ ୨୮ ପଏଂଟ ଅଧିକ ରହିଛନ୍ତି । ଆଗାମୀ ଟି-୨୦ ବିଶ୍ୱକପ ଆସୁଥିବାବେଳେ ଏହି ପଏଂଟ ଖେଳାଳିଙ୍କ ଉପରେ ମଧ୍ୟ ପ୍ରଭାବ ପକାଇବ । ଭାରତୀୟ ଖେଳାଳିମାନେ ଏବେ ଦମଦାର ଫର୍ମରେ ରହିଥିବାବେଳେ ବିଶ୍ୱକପର ପ୍ରମୁଖ ଦାବିଦାର ହେବ ବୋଲି ଆଶା କରାଯାଉଛି ।

ଜାତୀୟ ପାରା ତୀରନ୍ଦାଜି: ଇତିହାସ ରଚିଲେ ପାୟଲ

ଭୁବନେଶ୍ୱର, ୪/୨ (ଆ.ପ୍ର) : ପଞ୍ଜାବର ପଟିଆଲାରେ ଚାଲିଥିବା ସପ୍ତମ ଜାତୀୟ ପାରା ତୀରନ୍ଦାଜି ପ୍ରତିଯୋଗିତାରେ ଓଡ଼ିଶା ପାୟଲ ନାଗା ଦୁଇଟି ପଦକ ଜିତି ଇତିହାସ ରଚିଛନ୍ତି । ରାଙ୍କିଂ ରାଉଣ୍ଡରେ ରୌପ୍ୟ ଏବଂ ବ୍ୟକ୍ତିଗତ ଇଭେଂଟ୍‌ରେ କାଂସ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ପିଲାଦିନେ ଏକ ଦୁର୍ଘଟଣାରେ ପାୟଲଙ୍କ ଦୁଇଟି ଯାକ ହାତ ଓ ଗୋଡ଼ ନଷ୍ଟ ହୋଇଯାଇଥିଲା । ବଦୁ ପାଦ ପ୍ରତିଘାତ ଭିତରେ ଏହାକୁ କି ଦେଖି ସେ ତାରନ୍ଦାଜ ହୋଇପାରିଛନ୍ତି । ଅଙ୍ଗବିହୀନ ତୀରନ୍ଦାଜି ପ୍ରତିଯୋଗିତାରେ ସେ ଖେଳି ନିଜର ଦମଦାର ଦେଖାଇଛନ୍ତି । କଠୋର ତାଲିମ ନେଇ ନିଜକୁ ବିକଶିତ କରିଛନ୍ତି ସେ । ଅସାଧାରଣ ସନ୍ତୁଳନ ଓ ଅନନ୍ୟ ତାରତାଳନା କୌଶଳ ବ୍ୟବହାର କରି ସେ ପାରାଅଲିମ୍ପିକ୍ସ ପଦକ ଏବଂ ଅର୍ଜୁନ ପୁରସ୍କାର ବିଜେତାଙ୍କ ସହ ତାଳଦେଇ ଏହି ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି । ଏହି ଜାତୀୟ ପ୍ରତିଯୋଗିତା ଖାଲି ତାଙ୍କୁ ପଦକ ଦେଇନି, ତାଙ୍କ ମନୋବଳକୁ ବି ବଢ଼ାଇଛି । ପ୍ରଶିକ୍ଷକ କୁଳଦୀପ ବିଦ୍ୟାଳ କହିଛନ୍ତି ଯେ ''ପାୟଲଙ୍କ ଦୃଢ଼ ନିଷ୍ଠତି ଓ ନିର୍ଭୀକ ମାନସିକତା ଆଗକୁ ବଢ଼ାଇବାରେ ସାହାଯ୍ୟ କରିଛି । ତାଙ୍କର ଏହି ସଫଳତା ପ୍ରମାଣ କରିଛି ଯେ ଲକ୍ଷ୍ୟ କେବଳ ଶରୀରକୁ ନେଇ ନୁହେଁ, ମନରେ ରହିବା ଦରକାର ।''

ଉଧମପୁରରେ ୨୦ ଘଂଟିଆ ଅପରେସନ : ଦୁଇ ଜୈସ ଆତଙ୍କବାଦୀ ନିପାତ

ନୂଆଦିଲ୍ଲୀ , ୪/୨(ନ୍ୟୁ.ଏ): ବୁଧବାର ଜମ୍ମୁ-କାଶ୍ମୀରର ଉଧମପୁର ଜିଲ୍ଲା ଅନ୍ତର୍ଗତ ବସନ୍ତଗଢ଼ର ସୁଦୂର ଜୋଫର ଜଙ୍ଗଲ ଅଂଚଳରେ ୨୦ ଘଂଟାରୁ ଅଧିକ ସମୟ ଧରି ଯୋଜନାବଦ୍ଧ ଅପରେସନ ପରେ ଜୈସ-ଏ-ମହମ୍ମଦ ସଂଗଠନର ଦୁଇ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି । ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଜୈସ-ଏ-ମହମ୍ମଦର ବରିଷ୍ଠ କମାଣ୍ଡର ଅବୁ ମାଲିଆ ବୋଲି ଜଣାପଡ଼ିଛି, ଯିଏକି ଅନେକ ବର୍ଷ ଧରି ଏହି ଅଂଚଳରେ ସକ୍ରିୟ ଥିଲା ଏବଂ ଏଜାଧିକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲା । ଜମ୍ମୁ-କାଶ୍ମୀର ପୁଲିସ ଓ ସିଆରପିଏଫ୍ ସହଯୋଗରେ ସେନା ସ୍ଥାନୀୟ ପୁଲିସ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଗୁପ୍ତଚର ସୂଚନା ଆଧାରରେ 'କିୟା' ନାମରେ ଏହି ଅପରେସନ୍ ଆରମ୍ଭ କରିଥିଲା । ଆତଙ୍କବାଦୀମାନେ ଏକ ପ୍ରାକୃତିକ ଗୁମ୍ଫାରେ ଆଶ୍ରୟ ନେଇଥିଲେ ଏବଂ ଆଗୁଆ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇଥିଲେ । ଅଧିକାରୀ କହିଛନ୍ତି ଯେ, ବୁଡ଼ାନ୍ତ ଆକ୍ରମଣକୁ ସୁଗମ କରିବା ପାଇଁ ଗୁମ୍ଫାର ପ୍ରବେଶ ଦ୍ୱାରରେ ବିସ୍ଫୋରଣ କରାଯାଇଥିଲା । ଜଣେ ଆତଙ୍କବାଦୀଙ୍କ ମୃତଦେହ ଗୁମ୍ଫା ମୁହଁରେ ପଡ଼ିଥିବା ବେଳେ ଅନ୍ୟ ଜଣେ ଆତଙ୍କବାଦୀଙ୍କ ମୃତଦେହ ଗୁମ୍ଫା ଭିତରୁ ମିଳିଥିଲା । ନିହତ ଆତଙ୍କବାଦୀଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି, ଯେଉଁଥିରେ ଗୋଟିଏ ଏମ୍.୪ କାର୍ବାଇନ୍, ଗୋଟିଏ ଏକେ ଆସଲ୍ଟ ରାଇଫଲ ଓ ଅତିରିକ୍ତ ଗୁଳିଗୋଳା ରହିଛି । ମିଳିତ ଅପରେସନରେ କାଳଂଟର-ଇଂଟେଲିଜେନ୍ସ ଫୋର୍ସ ଡେଲ୍ଟା ଷ୍ଟେମ୍ବ, ହାଇଟ୍ ନାଇଟ୍ କର୍ପସ୍ କର୍ମଚାରୀ, ପୁଲିସ ଓ ସିଆରପିଏଫ୍ ସାମିଲ ହୋଇଥିଲେ । ଆତଙ୍କବାଦୀମାନେ ଯେପରି ଖସିଯାଇ ନ ପାରିବେ ସେଥିପାଇଁ ଅଂଚଳକୁ ଘେରାବନ୍ଦୀ କରାଯାଇଥିଲା ।

ଭାରତ-ଆମେରିକା ବାଣିଜ୍ୟ ରାଜିନାମା

ନୂଆଦିଲ୍ଲୀ , ୪/୨(ନ୍ୟୁ.ଏ): ଭାରତକୁ ଚାପରେ ରଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସବୁ କନକୌଶଳ ପ୍ରୟୋଗ କରିଥିଲେ । ପାକିସ୍ତାନ ସହ ଯୁଦ୍ଧ ବନ୍ଦ କରାଇବା, ରୁଷଠାରୁ ତେଲ କିଣୁଥିବାରୁ ଖନନାୟକ ସଜାଇବା ପର୍ଯ୍ୟନ୍ତ, ଭାରତକୁ ବିଶ୍ୱବଜାରରେ ନିନ୍ଦିତ କରିବାର କୌଶଳି ସୁଯୋଗକୁ ସେ ହାତଛଡ଼ା କରିନଥିଲେ । କିନ୍ତୁ ତାଙ୍କ ଚାପ ଆଗରେ ଭାରତ ମୁଖ ନୁଆଇଁନଥିଲା । ଖରାପ ହୋଇଥିବା ସମ୍ପର୍କକୁ ସଜାଡ଼ିବା ଲାଗି ଭାରତ କିଛି ରଣନୀତି ନେଇ କାମ କରିଥିଲା । ଗତବର୍ଷ ସେପ୍ଟେମ୍ବରରେ ଚୀନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗିତା ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁତିନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହାତ ମିଳାଇ ଆମେରିକାକୁ ଏକ ଦୃଢ଼ ବାର୍ତ୍ତା ଦେଇଥିଲେ । ତାହା ଥିଲା 'ଆମ ପାଇଁ ଆମେରିକା ଅପରିହାର୍ଯ୍ୟ ନୁହେଁ' । ଏହି ବୈଠକ ପରେ ପରେ ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅଜିତ ଡୋଭାଲଙ୍କୁ ମୋଦୀ ଆମେରିକା ପଠାଇଥିଲେ । ସେଠାରେ ସେ ଆମେରିକା ବୈଦେଶିକ ସଚିବ ମାର୍କ ରୁବିଓଙ୍କ ସହ ଆଲୋଚନା କରି ପ୍ରଥମେ ସମ୍ପର୍କରେ ସୁଧାର ଆଣିବାକୁ ଇଚ୍ଛା କରିଥିଲେ । ସେହି ଆଲୋଚନା ବେଳେ ଡୋଭାଲ ସ୍ପଷ୍ଟ କରିଦେଇଥିଲେ ଯେ ଟ୍ରମ୍ପ ଓ ତାଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଲାଗାତାର ଭାବେ ଭାରତକୁ ଅପମାନିତ କରୁଛନ୍ତି । ସେଥିରେ ଆଚରଣ ବଦଳି ନାହିଁ । ଦୁଇମଣଷ କରିବାକୁ ହେଲେ ଆଲୋଚନାରେ ଭାଗ ନେବାକୁ ପଡ଼ିବ । ଇତି ମଧ୍ୟରେ ଟ୍ରମ୍ପଙ୍କ ସହ ମୁହାଁମୁହିଁ ସ୍ଥିତିକୁ ମୋଦୀ ଚତୁରତାର ସହ ଏଡ଼ାଇଥିଲେ । ପାକିସ୍ତାନ